بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ଖଣ୍ଡ 4

ସଂଖ୍ୟା 49

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

05 ଡ଼ିସେମ୍ବର 2019 05 ଫତାଃ 1398 ହି.ଶ 07 ରବିଉଲ୍ ସାନି 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

فَبِمَا رَحۡمَۃٍ مِّنَ اللّٰہِ لِنۡتَ لَہُمۡ ۚ وَلَوۡ کُنۡتَ فَظًّا غَلِیۡظَ الۡقَلۡبِ لَانۡفَضُّوۡا مِنۡ حَوۡلِکَ ۪ فَاعۡفُ عَنۡہُمۡ وَاسۡتَغۡفِرۡ لَہُمۡ وَشَاوِرۡہُمۡ فِی الۡاَمۡرِ ۚ (آل عمران:160)

ଅନୁବାଦ- ଏବଂ ଅଲ୍ଲାଃଙ୍କର ସେହି ମହାନ କରୁଣା (ଯାହା ତୁମକୁ ପ୍ରଦାନ କରାଯାଇଛି ସେଥି)ଯୋଗୁଁ ତୁମେ ସେମାନଙ୍କ ପ୍ରତି ନମ୍ର ହୋଇଅଛ ଏବଂ ଯଦି ତୁମେ ମନ୍ଦସ୍ୱଭାବୀ ଓ କଠିନ ହୃଦୟର ହୋଇଥାନ୍ତ ତେବେ ଏମାନେ ତୁମ ଚତୁଃପାର୍ଶ୍ୱରୁ ଛିନ୍ନଛତ୍ର ହୋଇଯାଆନ୍ତେ; ସୁତରାଂ ତୁମେ ସେମାନଙ୍କୁ କ୍ଷମା କର ଓ ସେମାନଙ୍କ ପାଇଁ (ଅଲ୍ଲାଃଙ୍କ ଠାରୁ) କ୍ଷମା ପ୍ରାର୍ଥନା କର; ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ସେମାନଙ୍କ ସହିତ ପରାମର୍ଶ କର । *(ଆଲେ ଇମରାନ୍: ୧୬୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କୁ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଅତଃ ଅଲ୍ଲାଃ ତାଲା କହିଛନ୍ତି ଯେ *ଅଲ୍ଲାଃହୁଁ ଲା ଇଲାହା ଇଲ୍ଲାହୁଓ୍ୱ ଅଲ୍‌ହୟୁଲ୍ କୟୁମ୍* ଅର୍ଥାତ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ହିଁ ପୂର୍ଣ୍ଣଗୁଣରେ ପରିପୂର୍ଣ୍ଣ ଓ ପ୍ରତ୍ୟେକ ପ୍ରକାର ଦୋଷରୁ ପବିତ୍ର ଅଟେ । ସେ ହିଁ ଉପାସ୍ୟର ଯୋଗ୍ୟ । ତାହାଙ୍କ ଅସ୍ତିତ୍ୱ ହିଁ ପ୍ରତ୍ୟେକ୍ଷ ପ୍ରମାଣ କାରଣ ସେହିଁ ସ୍ୱୟଂ ଜୀବିତ ଏବଂ ସ୍ୱୟଂ ପ୍ରତିଷ୍ଠିତ ଏବଂ ତାହାଙ୍କ ଅତିରିକ୍ତ ଅନ୍ୟ କୌଣସି ବସ୍ତୁ ମଧ୍ୟରେ ସ୍ୱୟଂ ଜୀବିତ ହେବା ଓ ସ୍ୱୟଂ ପ୍ରତିଷ୍ଠିତ ହେବାର ଗୁଣ ମିଳେ ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମନୁଷ୍ୟ ଜୀବନର ଉଦ୍ଦେଶ୍ୟ

ନଫସେ ମୁତ୍‌ମଇନ୍ନାଃ (ଅର୍ଥାତ: ସନ୍ତୁଷ୍ଟ ଆତ୍ମା)ର ଲକ୍ଷଣ ହେଉଛି ଏହା ଯେ କୌଣସି ବାହ୍ୟ ପ୍ରୋତ୍ସାହନ ବିନା ହିଁ ସେ ଏପରି ସ୍ୱରୁପକୁ ଗ୍ରହଣ କରିନିଏ ଯେ ସେ ଖୁଦାଙ୍କ ବିନା ରହି ପାରେ ନାହିଁ ଏବଂ ଏହା ହିଁ ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ଏବଂ ଏପରି ହିଁ ହେବା ଉଚିତ । ଖାଲି ବସିଥିବା ମଣିଷ (ଅର୍ଥାତ ଅବକାସରେ ଥିବା ମଣିଷ) ଶିକାର, ସତରଞ୍ଜ / ପଶା ଏବଂ ଗଞ୍ଜଫା ( ଏକ ପ୍ରକାରର ତାସ ଖେଳ) ଇତ୍ୟାଦି ଖେଳରେ ନିଜେ ମାତିଥାଏ କିନ୍ତୁ ମୁତମଇନ୍ନାଃ (ରେ ଥିବା ବ୍ୟକ୍ତି) ଅନୁଚିତ, ଅସ୍ଥାୟୀ ଏବଂ ବେଳେବେଳେ ଦୁଃଖ ଓ ପୀଡ଼ା ସୃଷ୍ଟି କରୁଥିବା କାର୍ଯ୍ୟରୁ ଅଲଗା ହୋଇଗଲା । ଏବେ ଅଲଗା ହୋଇ ଛିନ୍ନ ହୋଇଥିବା ବିଶ୍ୱ ତାକୁ କାହିଁକି ମନେ ପଡ଼ିବ । ତେଣୁ ଖୁଦାଙ୍କ ସହିତ ପ୍ରେମ ହୋଇଯାଏ । ଏକଥା ମଧ୍ୟ ହୃଦୟ ଭିତରୁ ଅପସରି ନ ଯାଉ ଯେ ପ୍ରେମ ଦୁଇପ୍ରକାରର ହୋଇଥାଏ । ଗୋଟିଏ ନିଜସ୍ୱ ପ୍ରେମ ଏବଂ ଆଉ ଗୋଟିଏ ପ୍ରେମ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ ଅବା ଏହା କହିପାର ଯେ ଏହାର କାରଣ କେବଳ କିଛି ଅସ୍ଥାୟୀ କଥା ହୋଇଥାଏ, ଯାହା ଦୁରେଇଯିବା ମାତ୍ରକେ ସେହି ପ୍ରେମ ଶୀତଳ ହୋଇଯାଇ ଦୁଃଖ ଓ ପୀଡ଼ାର କାରଣ ହୋଇଥାଏ, କିନ୍ତୁ ନିଜସ୍ୱ (ଆନ୍ତରିକ) ପ୍ରେମ ସତ୍‌ସୁଖ ପ୍ରଦାନ କରେ । ଯେହେତୁ ମଣିଷ ସ୍ୱଭାବତଃ ଖୁଦାଙ୍କ ପାଇଁ ଜନ୍ମ ହୋଇଛି ଯେମିତି ସେ କହୁଛନ୍ତି ***ମା ଖଲକ୍‌ତୁଲ୍ ଜିନ୍ନା ଓ୍ୱଲ୍ ଇନ୍‌ସା ଇଲ୍ଲା ଲିୟାବଦୁନ୍*** (ଯାରିୟାତ: ୫୭) ସୁତରାଂ ଖୁଦାତାଲା ତା ପ୍ରକୃତିରେ ହିଁ ନିଜ ପାଇଁ କିଛି ନା କିଛି ରଖିଦେଇଛି ଏବଂ ନିଜର ଲୁକ୍କାୟିତ ଓ ସୂକ୍ଷ୍ମରୁ ସୂକ୍ଷ୍ମତର ସାଧନ ଦ୍ୱାରା ତାକୁ ନିଜ ପାଇଁ ବନାଇଛି ତେଣୁ ଯେତେବେଳେ ମଣିଷ ମିଥ୍ୟା ଓ ଲୋକ ଦେଖାଣିଆ ଅସ୍ଥାୟୀ ଓ ଦୁଃଖରେ ପରିପୂର୍ଣ୍ଣ ହୋଇଥିବା ପ୍ରେମଠାରୁ ଅଲଗା ହୋଇଯାଏ ସେତେବେଳେ ସେ ଖୁଦାଙ୍କର ହୋଇଯାଏ ଏବଂ ସ୍ୱଭାବତଃ କୌଣସି ଦୁରତା ରହେ ନାହିଁ ଓ ସେ ଖୁଦାଙ୍କ ନିକଟକୁ ଦଉଡ଼ି ଚାଲିଆସେ ସୁତରାଂ ଏହି ଆୟତ ***ୟା ଅୟୋତୁହନ୍ ନଫସୁଲ୍ ମୁତ୍‌ମଇନା*** ରେ ଏଥିପ୍ରତି ଇସାରା ରହିଛି । ଖୁଦାଙ୍କ ଡ଼ାକିବା ହେଉଛି ଏହା କି, ମଝିରେ ଥିବା ପରଦା ଉଠିଗଲା ଓ ଦୁରତା ରହିଲା ନାହିଁ । ଏହା ମୁତତ୍‌କିର ଉଚ୍ଚତମ ସ୍ତର ହୋଇଥାଏ ଯେବେ ସେ ଆତ୍ମସନ୍ତୋଷ ଓ ଆନନ୍ଦ ପାଇଥାଏ । ଅନ୍ୟଏକ ସ୍ଥାନରେ ପବିତ୍ର କୁର୍‌ଆନ୍ ଏହି ଆତ୍ମସନ୍ତୋଷତା ଲାଭ କରିବାର ନାମକୁ ସଫଳତା ଓ ଦୃଢ଼ ବିଶ୍ୱାସ ମଧ୍ୟ ରଖିଛି ଏବଂ ***ଏହ୍‌ଦେ ନସ୍ ସିରାତଲ୍ ମୁସ୍ତକୀମ୍*** ରେ ଏହି ଦୃଢ଼ତା, ଆତ୍ମସନ୍ତୋଷତା ବା ସଫଳତା ପ୍ରତି ସୂକ୍ଷ୍ମ ଇଙ୍ଗିତ ରହିଛି । ସ୍ୱୟଂ ମୁସ୍ତକୀମ୍‌ର ଶବ୍ଦଟି ଏହା ବତାଇ ଦେଉଛି ।

### ମୋଜେଜାତ୍ (ଐଶି ଚମତ୍କାର)

ଏହା ସତ୍ୟକଥା ଯେ ଖୁଦାତାଲା ଅସାଧାରଣ ରୂପେ କୌଣସି କାର୍ଯ୍ୟ କରେନାହିଁ । ଅସଲ କଥା ହେଉଛି ଏହା କି, ସେ ସାଧନ ସୃଷ୍ଟ କରିଥାଏ, ଆମକୁ ଉକ୍ତ ସାଧନ ସମ୍ବନ୍ଧରେ ଏତେଲା ଥାଉ କି ନଥାଉ, ସୁତରାଂ ସାଧନ ନିଶ୍ଚିତ ରହିଛି । ସେଥିପାଇଁ ''*ଶକ୍‌କୁଲ୍ କମର୍*'' (ଅର୍ଥାତ ଚନ୍ଦ୍ର ଦୁଇଖଣ୍ଡ ହୋଇଯିବା) ଅବା ''*ୟା ନାରୁ କୁନି ବରଦଉଁ ଓ୍ୱ ସଲାମା*'' (ଅଲ୍ ଅମ୍ବିୟା: ୭୦) । (ଅର୍ଥାତ ହେ ଅଗ୍ନୀ ଶୀତଳ ଓ ଶାନ୍ତ ହୋଇଯାଅ) ଭଳି ଐଶି ଚମତ୍କାର ଗୁଡ଼ିକ ମଧ୍ୟ ମାଧ୍ୟମ ବିହିନ ନୁହନ୍ତି । ବରଂ ତାହା ସବୁ ମଧ୍ୟ କେତେକ ସୂକ୍ଷ୍ମରୁ ସୂକ୍ଷ୍ମତର ସାଧନର ଫଳାଫଳ ଏବଂ ସଚ୍ଚା ଓ ବାସ୍ତବିକ ବିଜ୍ଞାନ ଉପରେ ଆଧାରିତ । ଅଦୂରଦର୍ଶୀ ଓ ଅନ୍ଧାରୀଦର୍ଶନକୁ ବିଶ୍ୱାସ କରୁଥିବା ଲୋକେ ଏହାକୁ ବୁଝିପାରିବେ ନାହିଁ । ମତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ ଯେଉଁଭଳି ଏହା ଏକ ସିଦ୍ଧ ବିଷୟ ଯେ, ଜ୍ଞାନର ଅଭାବରୁ ବସ୍ତୁର ଅସ୍ତିତ୍ୱ ନାହିଁ ବୋଲି ପ୍ରମାଣିତ ହୁଏ ନାହିଁ । ତେବେ ଅଜ୍ଞାନ ଦାର୍ଶନିକ କାହିଁକି ଏହି ସାଧନଗୁଡ଼ିକ ସମ୍ବନ୍ଧରେ ଜ୍ଞାନ ରଖିଥିବା ଯୋଗୁଁ, ଯାହା ଏହି ଐଶି ଚମତ୍କାରିତାର କାରଣ ହୋଇଥାନ୍ତା, ଅସଲ ଐଶି ଚମତ୍କାରିତାକୁ ନକାରି ଦେବା ପାଇଁ ସାହସ କରୁଛି । ହଁ ଆମର ଏ ସିଦ୍ଧାନ୍ତ ଯେ, ଅଲ୍ଲାଃ ତାଲା ଯଦି ଚାହାନ୍ତି ତେବେ ନିଜର କୌଣସି ଭକ୍ତଙ୍କୁ ଉକ୍ତ ସୂକ୍ଷ୍ମତର ସାଧନ ବିଷୟରେ ସୂଚନା ଦେଇପାରନ୍ତେ କିନ୍ତୁ ଏହା କୌଣସ ଜରୁରୀ ନୁହେଁ । ଦେଖ ମଣିଷ ଯେତେବେଳେ ନିଜ ପାଇଁ ଘର ତିଆରି କରୁଛି, ଯେଉଁଠି ସେ ସବୁ ପ୍ରକାରର ସାଧନ ବିଷୟରେ ଧ୍ୟାନ ରଖିଥାଏ ସେଠାରେ ସେ ସର୍ବ ପ୍ରଥମେ ଏକଥାକୁ ଗୁରୁତ୍ୱ ଦେଇଥାଏ ଯେ, ଘର ଭିତରକୁ ଯିବା ପାଇଁ ଏବଂ ବାହାରକୁ ବାହାରିବା ପାଇଁ କୌଣସି ଏକ ବାଟ ରଖୁ । ଯଦି ଅଧିକା ଆସବାବପତ୍ର, ହାତି, ଘୋଡ଼ା ଓ ଗାଡ଼ି ଯଦି ପାଖରେ ଅଛନ୍ତି ତେବେ ସେ ସବୁକୁ ଆଖି ଆଗରେ ରଖି ଯଥାସାଧ୍ୟ ସମସ୍ତ ବସ୍ତୁ ଓ ସାମାନ୍ ଗୁଡ଼ିକର ଯାତାୟତ ପାଇଁ ଫାଟକ ବନାଇଥାଏ, ନା' କି ସାପ ଗର୍ତ ସଦୃଶ ଗୋଟିଏ ଛୋଟିଆ କଣା । ଏହିପରି ଅଲ୍ଲାଃ ତାଲାଙ୍କ କର୍ମ ଅର୍ଥାତ ପ୍ରକୃତିର ନିୟମ ଉପରେ ବ୍ୟାପକ ଏବଂ ଧ୍ୟାନ ପୂର୍ବକ ଦୃଷ୍ଟି ନିକ୍ଷେପ କରିବା ଦ୍ୱାରା ଆମେ ଜାଣିପାରିବା ଯେ, ସେ ନିଜର ମଖଲୁକ୍ (ଅର୍ଥାତ ପ୍ରାଣୀଜଗତ) କୁ ସୃଷ୍ଟି କରି ଏହା କେବେ ଇଚ୍ଛା କରିନାହାନ୍ତି ଯେ, ସେମାନେ ଦାସତ୍ୱର ସୀମାରୁ ବାହାରି ଯାଇ ଈଶ୍ୱରତ୍ୱ ସହିତ ସମ୍ବନ୍ଧିତ ନହୁଅନ୍ତୁ । ଈଶ୍ୱରତ୍ୱ କେବେ ଦାସତ୍ୱକୁ ଦୂର କରିବା ପାଇଁ ମନସ୍ଥ କରିନାହିଁ । ସତ୍‌ଦର୍ଶନ ହେଉଛି ଏହା ଯେ, ଯେଉଁ ଲୋକମାନେ ଈଶ୍ୱରତ୍ୱକୁ କୌଣସି ସ୍ଥାୟୀ ଅଧିଗ୍ରହଣ ବସ୍ତୁ ବୋଲି ବିବେଚନା କରୁଛନ୍ତି ସେମାନେ ଭୀଷଣ ଭୁଲ୍ କରୁଛନ୍ତି, ଖୁଦା ଏହାକୁ ଏପରି ବନାଇ ନାହାନ୍ତି । ଆମର ଜ୍ଞାନ, ଭାବନା ଏବଂ ବୁଦ୍ଧି ଆପୋଷରେ ସମାନ ନ ହେବା ଏବଂ ପ୍ରତ୍ୟେକ କଥାରେ ସମ୍ପୁର୍ଣ୍ଣ ଓ ଯଥା ସମ୍ଭବ ତା'ର ହକ୍ ଅନୁସାରେ ଆଲୋକପାତ କରିବା ପାଇଁ ଅଯୋଗ୍ୟ ହେବା ହେଉଛି ଏ କଥାର ସ୍ୱଷ୍ଟ ପ୍ରମାଣ ଯେ, ଦାସତ୍ୱ, ଈଶ୍ୱରତ୍ୱର କୃପା ବିନା ତିଷ୍ଠି ପାରିବ ନାହିଁ । ଆମ ଶରୀରର ପ୍ରତ୍ୟେକ ଅଣୁ ଫରିସ୍ତା (ଅର୍ଥାତ ଦେବଦୂତ) ଭଳି କାର୍ଯ୍ୟରତ । ଯଦି ଏପରି ନ ହୋଇଥାନ୍ତା ତାହେଲେ ଔଷଧ ଓ ତା'ଠାରୁ ବଳି ଦୁଆ (ଅର୍ଥାତ ପ୍ରାର୍ଥନା)ର ନିୟମ ହିଁ ବ୍ୟର୍ଥ ଓ ନିର୍ଜୀବ ହୋଇଯାଆନ୍ତା ।

ପୃଥିବୀ, ଆକାଶ ଏବଂ ପୃଥିବୀ ଓ ଆକାଶ ମଧ୍ୟରେ ଯାହା କିଛିରହିଛି ତା'ଉପରେ ଦୃଷ୍ଟି ନିକ୍ଷେପ କର ଏବଂ ଚିନ୍ତା କର ଯେ, କ'ଣ ଏହି ସବୁ ସୃଷ୍ଟି ଆପେ ଆପେ ସ୍ୱୟଂ ପ୍ରତିଷ୍ଠିତ ହୋଇଛନ୍ତି ଏବଂ ନିଜେ ନିଜର ଅସ୍ତିତ୍ୱ ଉପରେ ସ୍ଥାୟୀ ଅଧିକାର ରଖିଛନ୍ତି କି, ଅଥବା କାହାର ଆଶ୍ରିତ ଅଛନ୍ତି ।

ସମସ୍ତ ସୃଷ୍ଟି ତାହା ଆକାଶରେ ଥିବା ଗ୍ରହନକ୍ଷତ୍ରଠାରୁ ନେଇ ପୃଥିବୀର ସମସ୍ତ ବସ୍ତୁ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ଚରିତ୍ରରେ ହିଁ ଦାସତ୍ୱର ପ୍ରକୃତି ରଖଛନ୍ତି । ପ୍ରତ୍ୟେକ ପତ୍ରରୁ ଏ ଠିକଣା ମିଳୁଛି ଏବଂ ପ୍ରତ୍ୟେକ ଶାଖା ଓ ଶବ୍ଦରୁ ଏ ଧ୍ୱନି ନିର୍ଗତ ହେଉଛି ଯେ ଈଶ୍ୱରତ୍ୱ ନିଜର କାର୍ଯ୍ୟ କରୁଅଛି । ତାହାର ସୂକ୍ଷ୍ମରୁ ସୂକ୍ଷ୍ମତର ଅଧିକାର ଯାହାର ଆମେ ଭାବନା ଓ ଶକ୍ତି ଦ୍ୱାରା ବର୍ଣ୍ଣନ କରିପାରିବା ନାହିଁ । ବରଂ ସମ୍ପୂର୍ଣ୍ଣ ରୂପେ ବୁଝି ପାରିବା ନାହିଁ । ନିଜର କାର୍ଯ୍ୟ କରୁଅଛି । ଅତଃ ଅଲ୍ଲାଃ ତାଲା କହିଛନ୍ତି ଯେ ***ଅଲ୍ଲାଃହୁ ଲା ଇଲାହା ଇଲ୍ଲାହୁଓ୍ୱ ଅଲ୍‌ହିୟୁଲ୍ କୟୁମ୍*** (ଅଲ୍‌ବକ୍‌ରଃ: ୨୫୬) ଅର୍ଥାତ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ହିଁ ପୂର୍ଣ୍ଣଗୁଣରେ ପରିପୂର୍ଣ୍ଣ ଓ ପ୍ରତ୍ୟେକ ପ୍ରକାର ଦୋଷରୁ ପବିତ୍ର । ସେ ହିଁ ଉପାସ୍ୟର ଯୋଗ୍ୟ । ତାହାଙ୍କ ଅସ୍ତିତ୍ୱ ହିଁ ପ୍ରତ୍ୟକ୍ଷ ପ୍ରମାଣ କାରଣ ସେ ହିଁ ସ୍ୱୟଂଜୀବିତ ଏବଂ ସ୍ୱୟଂପ୍ରତିଷ୍ଠିତ ଏବଂ ତାହାଙ୍କ ଅତିରିକ୍ତ ଅନ୍ୟ କୌଣସି ବସ୍ତୁ ମଧ୍ୟରେ ସ୍ୱୟଂଜୀବିତ ହେବା ଓ ସ୍ୱୟଂପ୍ରତିଷ୍ଠିତ ହେବାର ଗୁଣ ମିଳେ ନାହିଁ । ଅଲ୍ଲାଃ ତାଲାଙ୍କ ବ୍ୟତିତ ଆଉ କାହାଠାରେ ଏହି ବିଶେଷତା ନ ମିଳିବାର କ'ଣ କାରଣ ରହିଛି ଯେ ବିନା କୌଣସି କାରଣରେ ସ୍ୱୟଂ ଉପସ୍ଥିତ ଓ ପ୍ରତିଷ୍ଠିତ ହେଉ ଅଥବା ଏହି ସଂସାରରେ ଯାହା ଅତ୍ୟନ୍ତ ହିକ୍‌ମତ୍ (ଅର୍ଥାତ ବୈଜ୍ଞାନିକ ଓ ବୁଦ୍ଧିମତା) ଏବଂ ସୁଦୃଢ଼ କ୍ରମରେ ବନା ଯାଉଅଛି, ମୂଳ କାରଣ ହୋଇପାରେ ସୁତରାଂ ଏଥିରୁ ଜଣାପଡୁଛି ଯେ ଖୁଦାତାଲାଙ୍କ ଅତିରିକ୍ତ ଆଉ କୌଣସି ଏପରି ଅସ୍ତିତ୍ୱ ନାହିଁ ଯିଏ ଏହି ସଂସାରର ସୃଷ୍ଟିରେ ପରିବର୍ତନ କରିପାରୁଥିବ ଅଥବା ପ୍ରତ୍ୟେକ ବସ୍ତୁର ଜୀବନ ତଥା ସ୍ଥାପିତ ହେବାର କାରଣ ହେଉଥିବ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୯୬ ରୁ ୯୯ ମୁଦ୍ରଣ ୨୦୧୮ କାଦିୟାନ)*

**ମହିଳାମାନଙ୍କ ସମ୍ବନ୍ଧରେ ଆମ ପ୍ରୀୟ ଧର୍ମର ଶିକ୍ଷାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି ପର୍ଦ୍ଦା କରିବା**
**ଏହା ଏଥିପାଇଁ ରହିଛି କାରଣ ଇସ୍‌ଲାମ୍ ମହିଳାମାନଙ୍କ ସମ୍ମାନ, ଆଦର ଓ ଅଧିକାରର ସବୁଠାରୁ ବଡ଼ ଧ୍ୱଜା ବାହକ ଅଟେ ।**
**ଲଜ୍ଜା ହେଉଛି ଇମାନ୍‌ର ଅଂଶ ବିଶେଷ ଏବଂ ଲଜ୍ଜା ମହିଳାମାନଙ୍କର ଏକ ଭଣ୍ଡାର ତେଣୁ ସର୍ବଦା ଲଜ୍ଜାଶୀଳ ବସ୍ତ୍ର ପିନ୍ଧନ୍ତୁ**
**ସର୍ବଦା ମନେ ରଖନ୍ତୁ ଯେ ଖୁଦାତାଲା ପବିତ୍ର କୋରାନ୍‌ରେ ପର୍ଦ୍ଦାର ନିର୍ଦ୍ଦେଶ ଦେଇଛି ତେଣୁ ନିଶ୍ଚିତ ରୂପେ ଏହାର କିଛି ଗୁରୁତ୍ୱ ରହିଛି**
**ନିଜ ପ୍ରୀୟଜନଙ୍କ ନିକଟକ ସମ୍ପର୍କୀୟଙ୍କ ଗହଣରେ ମଧ ଯେତେବେଳେ କୌଣସି ଫଙ୍କସନ୍ ବା ବିବାହ ଇତ୍ୟାଦି ଉତ୍ସବରେ ଆସିବେ ତେବେ ଏପରି ବସ୍ତ୍ର ନ ହେଉ ଯେଉଁଥିରୁ ଶରୀର ଆକର୍ଷିତ ହେଉଥିବ ବା ଶରୀର ଦେଖାଯାଉଥିବ**
**ଆପଣମାନଙ୍କର ପବିତ୍ରତା ଇସ୍‌ଲାମୀୟ ପ୍ରଥାକୁ ପାଳନ କରିବାରେ ହିଁ ନିହିତ ରହିଛି ।**
**ସର୍ବଦା ଏହା ମନେ ରଖିବା ଉଚିତ ଯେ ଅହେମଦୀ ମୁସଲମାନ, ପୁରୁଷ ଏବଂ ମହିଳାମାନେ, ଯୁବକଯୁବତୀମାନେ ସମସ୍ତେ ଧର୍ମୀୟ ସମ୍ମାନକୁ ପ୍ରତିଷ୍ଠା କରିବାପାଇଁ ଯଦି ଚେଷ୍ଟା ନ କଲ ତେବେ ଆମ ପିଲାମାନଙ୍କର କୌଣସି ଜମାନତ୍ ନାହିଁ ।**
**ବାର୍ଷିକ ଇଜ୍‌ତିମା ଲଜନା ଇମାଇଲ୍ଲାଃ ଓ ନାସରାତୁଲ୍ ଅହେମଦୀୟା ଭାରତ ଅନୁଷ୍ଠିତ ଅକ୍ଟୋବର ୨୦୧୯**
**ଅବସରରେ ସୟଦନା ହଜୁର ଅନୱ୍ୱର ଅ:ବ:ଅଙ୍କ ଜ୍ଞାନବର୍ଦ୍ଧକ ବିଶେଷ ବାର୍ତ୍ତା:**

## ଇସଲାମାବାଦ (ୟୁ.କେ) MA-24.09.2019

**ଲଜନା ଇମାଇଲ୍ଲାଃ ଭାରତର ପ୍ରୀୟ ସଭ୍ୟାଗଣ**

**ଅସ୍‌ସଲାମୁ ଆଲୈକୁମ୍ ୱ ରହମତୁଲ୍ଲାହି ୱ ବରକାତୁହୁ**

ମତେ ଏକଥା ଜାଣି ବହୁତ ଖୁସି ଲାଗିଲା ଯେ, ଆପଣମାନଙ୍କୁ ଏ ବର୍ଷ ମଧ ନିଜର ବାର୍ଷିକ ଇଜ୍‌ତିମା ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ମିଳୁଛି । ଅଲ୍ଲାଃ ତାଲା ଏହାକୁ ପ୍ରତି କ୍ଷେତ୍ରରୁ ସଫଳ ଓ ବାବର୍‌କତ୍ କରନ୍ତୁ ଆମିନ୍...

ଏହି ଅବସରରେ ମୋ ନିକଟରୁ ବାର୍ତ୍ତା ପଠାଇବା ପାଇଁ ନିବେଦନ କରାଯାଇଛି । ମୋର ବାର୍ତ୍ତା ହେଉଛି ଏହା ଯେ, ଆପଣମାନେ ହେଉଛନ୍ତି ଅହେମଦୀ ମହିଳା ଯେଉଁମାନେ ଖୁଦାତାଲାଙ୍କ ବିଶେଷ କୃପାରୁ ଏ ଯୁଗର ଇମାମ୍‌ଙ୍କୁ ମାନିଛନ୍ତି ଏବଂ ଆପଣ ଆ:ସଙ୍କ ପରେ ଖିଲାଫତ୍ ଅହେମଦୀୟା ସହିତ ଯୋଡ଼ି ହୋଇ ତାହାର ବର୍‌କାତ୍‌ରୁ ଲାଭ ଉଠାଉଛନ୍ତି । ଆପଣମାନେ ଯୁଗଖଲିଫାଙ୍କ ମାର୍ଗଦର୍ଶନରେ ଇସଲାମୀୟ ଶିକ୍ଷା ସହିତ ସାରା ସଂସାରକୁ ପରିଚିତ କରାଇବେ ଏଥିପାଇଁ ଏହା ଜରୁରୀ ଅଟେ ଯେ, ପ୍ରଥମେ ଆପଣମାନେ ଓ ଆପଣଙ୍କ ସନ୍ତାନମାନେ ଏହି ଶିକ୍ଷା ଉପରେ ପରିଚାଳିତ ହୁଅନ୍ତୁ ଯଦ୍ୱାରା ଆପଣମାନେ ନିଜର କଥନ ଓ କର୍ମ ଦ୍ୱାରା ଇସ୍‌ଲାମୀୟ ଶିକ୍ଷାକୁ ପ୍ରଚାର କରିପାରିବେ ।

ମହିଳାମାନଙ୍କ ସମ୍ବନ୍ଧରେ ଆମ ପ୍ରୀୟ ଧର୍ମର ଶିକ୍ଷା ଗୁଡ଼ିକ ମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି ପର୍ଦ୍ଦା କରିବା । ଏହା ଏଥିପାଇଁ କାରଣ ଇସଲାମ ମହିଳାମାନଙ୍କର ସମ୍ମାନ, ଆଦର ଓ ଅଧିକାର ପ୍ରଦାନ କରିବାରେ ସବୁଠାରୁ ବଡ଼ ଧ୍ୱଜାବାହକ ଅଟେ । ଏପରି କୌଣସି ବାଧ୍ୟ ବାଧକତା ନାହିଁ ଯେ, ମହିଳାମାନଙ୍କୁ ପର୍ଦ୍ଦା କରାଇବାକୁ କୁହାଯାଉଛି ବରଂ ମହିଳାମାନଙ୍କୁ ସେମାନଙ୍କର ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବା ଓ ସେମାନଙ୍କୁ ତାଙ୍କର ପଦମର୍ଯ୍ୟାଦା ପ୍ରଦାନ କରିବା ପାଇଁ ଏହା ସବୁ ଏକ ଚେଷ୍ଟା । ଏହାର ବିପରୀତ ଇସଲାମ ବିରୋଧି ଶକ୍ତିଗୁଡ଼ିକ ବହୁତ ଭୀଷଣ ଭାବେ ଚେଷ୍ଟା କରୁଛନ୍ତି ଯେ, ଧାର୍ମୀୟ ଶିକ୍ଷା ଏବଂ ପ୍ରଥାଗୁଡ଼ିକୁ ମୁସଲମାନମାନଙ୍କ ମଧ୍ୟରୁ ଶେଷ କରାଯାଉ । ସର୍ବଦା ଏହା ମନେ ରଖିବା ଉଚିତ ଯେ ଅହେମଦୀ ମୁସଲମାନ, ପୁରୁଷ ଏବଂ ମହିଳାମାନେ, ଯୁବକଯୁବତୀମାନେ ସମସ୍ତେ ଧର୍ମୀୟ ସମ୍ମାନକୁ ପ୍ରତିଷ୍ଠା କରିବାପାଇଁ ଯଦି ଚେଷ୍ଟା ନ କଲ ତେବେ ଆମ ପିଲାମାନଙ୍କର କୌଣସି ଜମାନତ୍ ନାହିଁ । ଆମେ ଅନ୍ୟମାନଙ୍କ ଅପେକ୍ଷା ଅଲ୍ଲାଃ ତାଲାଙ୍କ ଦ୍ୱାରା ଅଧିକା ଦଣ୍ଡିତ ହେବା କାରଣ ଆମେ ସତ୍ୟକୁ ବୁଝି ଅଛେ । ହଜରତ ମସିହ ମଉଦ ଆ:ସ ଆମକୁ ବୁଝାଇଛନ୍ତି ଏହା ସତ୍ୱେ ମଧ ଆମେ ପୁଣି ତା' ଉପରେ ପରିଚାଳିତ ହେଲେ ନାହିଁ । ଲଜ୍ଜା ହେଉଛି ଇମାନ୍‌ର ଅଂଶ ବିଶେଷ ଏବଂ ଲଜ୍ଜା ମହିଳାମାନଙ୍କର ଏକ ଭଣ୍ଡାର ତେଣୁ ସର୍ବଦା ଲଜ୍ଜାଶୀଳ ବସ୍ତ୍ର ପିନ୍ଧନ୍ତୁ

ସର୍ବଦା ମନେ ରଖନ୍ତୁ ଯେ ଖୁଦାତାଲା ପବିତ୍ର କୋରାନ୍‌ରେ ପର୍ଦ୍ଦାର ନିର୍ଦ୍ଦେଶ ଦେଇଛି ତେଣୁ ନିଶ୍ଚିତ ରୂପେ ଏହାର କିଛି ଗୁରୁତ୍ୱ ରହିଛି । ମାଆମାନେ ପୂଣ୍ୟ ନମୁନା ଦେଖାନ୍ତୁ ଓ ନିଜ ଝିଅମାନଙ୍କୁ ଅଳ୍ପ ବୟସରୁ ହିଁ ଏହାର ଅଭ୍ୟାସ କରାନ୍ତୁ ଉଦାହରଣ ସ୍ୱରୁପ ଯୌବନ ଅବସ୍ଥାରେ ଯେତେବେଳେ ଝିଅମାନେ ପାଦ ଥାପିଥାନ୍ତି ସେତେବେଳେ ସେମାନଙ୍କ କୋଟ୍ ଆଣ୍ଠୁ ତଳୁକୁ ରହିବା ଉଚିତ । ଏପରି କୋଟ୍ ପିନ୍ଧିବା ଉଚିତ ଯାହା ସେମାନଙ୍କର ସମ୍ପୁର୍ଣ୍ଣ ଶରୀରକୁ ଢ଼ାଙ୍କି ଦେଉଥିବ ନା' କି ଫ୍ୟାସନ ଏବଂ ହାତ ଲମ୍ବା ହେବା ଉଚିତ । ନିଜ ପ୍ରୀୟଜନଙ୍କ ନିକଟକ ସମ୍ପର୍କୀୟଙ୍କ ଗହଣରେ ମଧ ଯେତେବେଳେ କୌଣସି ଫଙ୍କସନ୍ ବା ବିବାହ ଇତ୍ୟାଦି ଉତ୍ସବରେ ଆସିବେ ତେବେ ଏପରି ବସ୍ତ୍ର ନ ହେଉ ଯେଉଁଥିରୁ ଶରୀର ଆକର୍ଷିତ ହେଉଥିବ ବା ଶରୀର ଦେଖାଯାଉଥିବ ଆପଣମାନଙ୍କର ପବିତ୍ରତା ଏଥିରେ ଅଛି କି, ଇସ୍‌ଲାମୀୟ ପ୍ରଥାକୁ ପାଳନ କରନ୍ତୁ ଏବଂ ସଂସାରର କୁଦୃଷ୍ଟିରୁ ବଂଚି ରହନ୍ତୁ ।

ଗୋଟିଏ ରିୱ୍ୟାତରେ ଆସୁଛି ଯେ, ହଜରତ ଆଇସା ର:ଅ ବର୍ଣ୍ଣନା କରୁଛନ୍ତି ଯେ, ହଜରତ ଅସ୍‌ମାଆ ବିନ୍ତ ଅବିବକର୍ ର:ଅ ଆଁ ହଜରତ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲେ ଓ ସେ ସମୟରେ ପତଳା ବସ୍ତ୍ର ଧାରଣ କରିଥିଲେ । ଆଁ ହଜରତ ସ:ଆ:ସ ତାଙ୍କୁ ଦେଖିଲେ ନାହିଁ ଅର୍ଥାତ ନଜର ଏଡ଼ାଇବା ପାଇଁ ଚେଷ୍ଟା କଲେ ଏବଂ କହିଲେ ହେ ଅସ୍‌ମାଆ ! ମହିଳା ଯେତେବେଳେ ପ୍ରାପ୍ତ ବୟସକୁ ପହଂଚି ଯାଏ ସେତେବେଳେ ଏହା ଉଚିତ ନୁହେଁ ଯେ, ତା'ର ମୁହଁ ଓ ହାତ ବ୍ୟତିତ କିଛି ଦେଖାଯାଉ ଏବଂ ଆପଣ ସ:ଆ:ସ ନିଜ ମୁହଁ ଓ ହାତ ଆଡ଼କୁ ଇଂଗିତ କରି ଏକଥା ବତାଇ ଦେଲେ ।

ସୁତରାଂ ମହିଳାମାନଙ୍କୁ ଏ ଯେଉଁ ଶିକ୍ଷା ଦିଆଯାଇଛି ଯେ, ନିଜର ସୌନ୍ଦର୍ଯ୍ୟକୁ ଲୁଚାଅ । ନିଜ ମୁଣ୍ଡ ଓ ଚେହେରାକୁ ଢ଼ାଙ୍କି ନିଅ । ନିଜର ପବିତ୍ରତାକୁ ବଜାୟ ରଖ, ସୁତରାଂ ପ୍ରତ୍ୟେକ ଅହେମଦୀ ମହିଳାଙ୍କୁ ଏହା ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରିବା ଉଚିତ ।

ପୁଣି ଆଜିକାଲିର ବିଜ୍ଞାନ ଯୁଗରେ ବହୁତ ଗୁଡ଼ିଏ ନୂଆ ନୂଆ ମାଧ୍ୟମ ବାହାରି ଯାଇଛି ଉଦାହରଣ ସ୍ୱରୁପ ଇଂଟରନେଟ, ମୋବାଇଲ୍ ଫୋନ୍, ସୋଶିଆଲ୍ ମିଡ଼ିଆ ଇତ୍ୟାଦି । ଏହା ସବୁ ସମୟ ନଷ୍ଟ କରିଥାନ୍ତି ଓ ଖରାପ ଧାରଣା ସୃଷ୍ଟି କରିଥାନ୍ତି । ଅହେମଦୀ ମାଆମାନଙ୍କର ଏ ଦାୟିତ୍ୱ ରହିଛି ଯେ, ନିଜେ ମଧ ଓ ନିଜ ସନ୍ତାନମାନଙ୍କୁ ମଧ ସେ ଗୁଡ଼ିକର ନକାରାତ୍ମକ ଓ ଭୁଲ୍ ବ୍ୟବହାରରୁ ବଂଚାଇ ରଖନ୍ତୁ । ସେହିପରି ଯଦି ଟିଭିରେ ଭୁଲ୍ ପ୍ରୋଗ୍ରାମଗୁଡ଼ିକୁ ଦେଖାଯାଉଥାଏ ତେବେ ଏହା ମାଆବାପାଙ୍କର ଦାୟିତ୍ୱ ଅଟେ । ଏବଂ ବାର ତେର ବୟସର ଯେଉଁ ଝିଅମାନେ ଅଛନ୍ତି ସେମାନଙ୍କର ମଧ ହେତୁ ପାଇବାର ବୟସ ହୋଇଥାଏ, ସେମାନଙ୍କର ମଧ ଏ ଦାୟିତ୍ୱ ରହିଛି ଯେ, ସେ ସବୁରୁ ବଂଚି ରୁହନ୍ତୁ । ଆପଣମାନେ ହେଉଛନ୍ତି ଅହେମଦୀ ଏବଂ ଅହେମଦୀମାନଙ୍କର ଏପରି କାର୍ଯ୍ୟ ହେବା ଉଚିତ ଯେ ତାହା ଏକ ସ୍ୱତନ୍ତ୍ର ନିରାଲା କର୍ମ ହେଉ ଏଥିରୁ ଜଣାପଡୁ ଯେ, ଏ ହେଉଛନ୍ତି ଅହେମଦୀ ଝିଅ ।

ଇସ୍‌ଲାମ୍ ପ୍ରତ୍ୟେକ ମୁସଲମାନ ପୁରୁଷ ଓ ମହିଳାମାନଙ୍କୁ ଶିକ୍ଷା ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥାଏ । କଲେଜ୍ ଏବଂ ୟୁନିଭରସିଟିଗୁଡ଼ିକରେ ଅଧ୍ୟୟନ କରୁଥିବା ଅହେମଦୀ ଶିକ୍ଷାର୍ଥୀମାନେ ନିଜ ଶିକ୍ଷା ଉପରେ ଧ୍ୟାନ ଦିଅନ୍ତୁ । ଝିଅପିଲାମାନେ କେବଳ ଝିଅପିଲାମାନଙ୍କ ସହିତ ସାଙ୍ଗ ହୁଅନ୍ତୁ । ତବ୍‌ଲିଗ୍ ଯୋଗାଯୋଗ ମଧ କେବଳ ମହିଳାମାନଙ୍କ ସହିତ ହେବା ଉଚିତ । ସେହିପରି ଏମ୍‌ଟିଏରୁ ନିଜେ ମଧ ଲାଭ ଉଠାନ୍ତୁ ଏବଂ ଅନ୍ୟଲୋକମାନଙ୍କୁ ମଧ ସେଥିରୁ ଲାଭ ଉଠାଇବା ପାଇଁ ପ୍ରୋତ୍ସାହିତ କରନ୍ତୁ ।

ତେଣୁ ପ୍ରତ୍ୟେକ ଅହେମଦୀ ମହିଳା ନିଜର ଦାୟିତ୍ୱ ଗୁଡ଼ିକୁ ବୁଝିବା ଉଚିତ । ନିଜର ପବିତ୍ରତାକୁ ବଜାୟ ରଖିବା ଉଚିତ ଏବଂ ଏହି ଭାବନା ରହିବା ଉଚିତ ଯେ, ଆମେ ହେଉଛୁ ଅହେମଦୀ ଓ ଅନ୍ୟମାନଙ୍କଠାରୁ ଅଲଗା । ମନେରଖନ୍ତୁ ଯେ, ଆଜିର ଝିଅ କାଲିର ମାଆ । ଯଦି ଏହି ଝିଅମାନଙ୍କୁ ନିଜର ଦାୟିତ୍ୱ ସମ୍ବନ୍ଧରେ ଅନୁଭବ ସୃଷ୍ଟି ହୋଇଗଲା ତେବେ ଅହେମଦୀୟତ୍‌ର ଆସନ୍ତା ପୀଢ଼ୀ ମଧ ସୁରକ୍ଷିତ ହୋଇଚାଲିବ ।

ଅଲ୍ଲାଃ ତାଲା ଆପଣମାନଙ୍କୁ ମୋର ଏହି ଉପଦେଶଗୁଡ଼ିକ ଉପରେ ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମୀନ୍....

ୱସ୍‌ସଲାମ୍ ଖାକ୍‌ସାର୍
ମିର୍ଜା ମସରୁର୍ ଅହେମଦ୍
ଖଲିଫତୁଲ୍ ମସିହିଲ୍ ଖାମିସ୍

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖ୍‌ବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା । ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନୱ୍ୱର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି ।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନୱ୍ୱର ଅ:ବ:ଅଙ୍କ ପବିତ୍ର ଗୋଚରେ ଏ ଏତେଲା ଦିଆଗଲା ଯେ:

*୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା **୧୨୫** ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି **୧୨୬** ତମ ଜଲ୍‌ସା ସାଲାନା ।*

ହଜୁର ଅନୱ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ବଦରର ପାଠକେ ଅବଗତ ରୁହନ୍ତୁ ।

**(ନାଜ୍‌ର ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍‌କଜିୟା)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# : ଖୁତ୍‌ବା ଜୁମା :

ଈଶ୍ୱର କରନ୍ତୁ ଯେ, ସେମାନଙ୍କ ହୃଦୟ ଇସଲାମ୍‌ର ବାସ୍ତବିକ ଶିକ୍ଷାକୁ ବୁଝିବା ପାଇଁ ମଧ୍ୟ ଖୋଲିଯାଉ ଓ ତାହାକୁ ସେମାନେ ଗ୍ରହଣ ମଧ୍ୟ କରନ୍ତୁ ।

ଦୁଃଖର କଥା ହେଉଛି ଏହା କି, ପୃଥିବୀକୁ ଇସଲାମର ଏହି ଛବି ଦେଖାଇ ଦିଆଯାଉନାହିଁ...... ଆପଣଙ୍କ ମସଜିଦ୍‌ରେ ମତେ ଶାନ୍ତି ମିଳିଲା । (ଆଡ୍ୱେଲିନ୍ ସାହିବା)

ଆପଣଙ୍କ ଯମାତ୍ କେବଳ ଅହେମଦୀମାନଙ୍କ ସହିତ ନୁହେଁ ବରଂ ବିଭିନ୍ନ ଧର୍ମ ସହିତ ସମ୍ବନ୍ଧ ରଖିଥିବା ଲୋକମାନଙ୍କ ସହିତ ଉତମ ବ୍ୟବହାର କରିଥାଏ । (ଡ଼ାଏନି ହାର୍‌କେନିକ୍)

ମୁସଲମାନମାନଙ୍କର ଅବସ୍ଥା ଏପରି ହୋଇଯାଇଛି ଯେ, ସେମାନଙ୍କର ତ ନିଜର ଆସ୍ଥା ଓ ବିଶ୍ୱାସ ସମ୍ବନ୍ଧରେ କିଛି ଜ୍ଞାନ ହିଁ ନାହିଁ, ସେମାନଙ୍କୁ ଆପଣଙ୍କ ଖଲିଫାଠାରୁ ଇସଲାମ ଶିଖିବା ଉଚିତ...... ମୁଁ ନିଜର ଜୀବଦସାରେ ପ୍ରଥମଥର ପାଇଁ ଏହିପରି ଇସଲାମର ବାର୍ତାକୁ ବୌଦ୍ଧିକତାରେ ପରିପୂର୍ଣ୍ଣ ରହିଥିବାର ଶୁଣିଲି (ଜଣେ ଅତିଥି)

ଆପଣମାନେ ହିଁ ବାସ୍ତବିକ ଏବଂ ଅସଲ ମୁସଲମାନ ଅଟନ୍ତି । (ଜଣେ ଅତିଥି)

ଆର୍ନ୍ତଜାତିୟ ନ୍ୟାୟ ଏବଂ ଭାଇଚାରାର ଯେଉଁ ଛବି ଇମାମ୍ ଯମାତ୍ ଉପସ୍ଥାପନ କଲେ ଏ ପୃଥିବୀକୁ ଏହାର ଭୀଷଣ ଆବଶ୍ୟକତା ରହିଛି ।
(ମାଲି ଦେଶରୁ ୟୁନେସ୍କୋର ରାଜଦୂତ)

ଯଦି ପୃଥିବୀରେ ଏହି ଇସଲାମ ସ୍ଥାପନ ହୁଏ ଯାହା ଇମାମ୍ ଯମାତ୍ ଅହେମଦୀୟା ଉପସ୍ଥାପନ କରୁଅଛନ୍ତି ତେବେ ପୃଥିବୀର ସବୁ ସମସ୍ୟା ଶେଷ ହୋଇଯିବ ।
(କ୍ୟାଥୋଲିକ୍ ସଦସ୍ୟମାନଙ୍କ ଆସୋଶିଏସନ୍ ର ସଭାପତି)

ଇସଲମାର ଏହି ଶାଖାଟି ହେଉଛି ଶାନ୍ତି ପ୍ରୀୟ ଶାଖା, ଏହା ଇସଲାମର ଅସଲ ସ୍ୱରୁପ, ଏହା ହେଉଛି ଏପରି ଇସଲାମ ଯେଉଁଥିରେ ମାନବିକତା ରହିଛି ପ୍ରେମ ଓ ସ୍ନେହ ରହିଛି......... ଖଲିଫାଙ୍କ କଥାରୁ ମୋର ବିଶ୍ୱାସ ହୋଇଗଲା ଯେ, ଏହା ହେଉଛି ଏକ ଅସାଧାରଣ ଯମାତ୍ । (ଜଣେ ଅତିଥି)

ଯମାତ୍ ଅହେମଦୀୟା ତ ସନ୍ତ୍ରାସବାଦ ଏବଂ ଚରମପନ୍ଥୀ କାର୍ଯ୍ୟାକଳାପ ବିରୁଦ୍ଧରେ ଗୋଟିଏ ତରବାରୀ ହୋଇପାରେ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ।
(President District Council of Kochersberg)

ଆଜି ପର୍ଯ୍ୟନ୍ତ ମୁଁ ଇସଲାମର ଖୁଦାଙ୍କ ଉପରେ ଏତେ ଗଭୀର ଓ ବ୍ୟାପକରୂପେ ଆଲୋଚନା ଚକ୍ର ହେବାର ଶୁଣିନାହିଁ ଯାହା ଖୁଦାଙ୍କ ଏକେଶ୍ୱରବାଦ ଉପରେ ସମ୍ପୁର୍ଣ୍ଣ ଦାବି ରଖିଥିବ ଏବଂ ଏହି ଏକ ଅଦ୍ୱିତୀୟ ଖୁଦାଙ୍କୁ ପୃଥିବୀର ସମସ୍ତ ଧର୍ମ, ଦେଶ ଏବଂ ମାନବସମାଜର ପାଳନକର୍ତା ଖୁଦା ରୂପେ ଅଭିହିତ କରୁଥିବ । (କ୍ୟାଥୋଲିକ୍ ଚର୍ଚ୍ଚର ଜଣେ ପାଦ୍ରି)

ଚର୍ଚ୍ଚ ବହୁତ ଗୁଡ଼ିଏ ପ୍ରଶ୍ନର ଉତର ଦେବାରୁ ଆଖି ଚୋରାଉଛି ଯେବେ କି, ଯମାତ ଅହେମଦୀୟାର ଇମାମ୍ ଯଥା ସମ୍ଭବ ସମସ୍ତ ପ୍ରଶ୍ନ ଓ ଅଭିଯୋଗ ଗୁଡ଼ିକର ଅନେକ ପାର୍ଶ୍ୱରୁ ଉତର ଦେଇଛନ୍ତି ଓ ନିଡ଼ର ହୋଇ ଇସଲାମର ଦୃଷ୍ଟିକୋଣକୁ ଉପସ୍ଥାପନ କଲେ ।

ଏହା ପୂର୍ବରୁ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ ଯେଉଁ ପରିଚୟ ଆମକୁ ଦିଆଯାଇଥିଲା ତାହା ଇସଲାମର ସଠିକ୍ ସ୍ୱରୁପକୁ ଉପସ୍ଥାପନ କରୁନାହିଁ ତେଣୁ ଆଜିର ଏହି ସନ୍ଧ୍ୟାଟି ମୋ ପାଇଁ ଏକ ସକାରାତ୍ମକ ଏବଂ ଶାନ୍ତିପୂର୍ଣ୍ଣ ବାର୍ତାକୁ ନେଇ ଆସିଛି । (ହାରାଲ୍ଡ ବୋଏନ୍‌ସେଲ୍)

ଯେଉଁ ଶାନ୍ତି ଓ ସୌହାର୍ଦ୍ଧର ବାର୍ତା ଆପଣ ଦେଲେ ତାହାର ଆଧାର ପବିତ୍ର କୁର୍‌ଆନ୍ ଥିଲା ଓ ନିଜର ସିଦ୍ଧାନ୍ତର ସମର୍ଥନ ପବିତ୍ର କୋରାନ୍ ଏବଂ ଇସଲାମ୍‌ର ପ୍ରତିଷ୍ଠାତାଙ୍କ ବାଣୀ ଦ୍ୱାରା କଲେ । ଯଦିଚ ଏହି ବିଷୟ ଏକ ନୂଆ ବିଷୟ ଥିଲା କିନ୍ତୁ ଖଲିଫା ନିଜର ସିଦ୍ଧାନ୍ତକୁ ପୂରାତନ ଇସଲାମୀୟ କଥନ ଗୁଡ଼ିକର ସହଯୋଗ ନେଇ ପ୍ରମାଣ କଲେ ଯେ, ଇସଲାମ ଏବଂ କୁର୍‌ଆନ୍ ଧର୍ମର ମୂଳଦୁଆ ପ୍ରାରମ୍ଭରୁ ହିଁ ମାନବିକ ସହାନୁଭୁତି, ଶାନ୍ତି ଓ ସୌହାର୍ଦ୍ଧ୍ୟର ଶିକ୍ଷା ଉପରେ ରଖିଛି ।
(ମେମ୍ବର ଅଫ ଜର୍ମାନ ପାର୍ଲାମେଂଟ)

ଯମାତ୍ ଅହେମଦୀୟାର ଇମାମ୍ ବର୍ତମାନର ସମସାମୟିକ ଅବସ୍ଥାକୁ ବିଲ୍‌କୁଲ୍ ସଠିକ୍ ଭାବେ ଅନୁଭବ କରିଛନ୍ତି ଏବଂ ଯେହେତୁ ତାଙ୍କ ଯୋଜନା ଠିକ୍ ଅଛି ସେଥିପାଇଁ ତାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଉପଚାରରେ ସାମାଜିକ ଅଶାନ୍ତିକୁ ବହୁ ସମୟ ପର୍ଯ୍ୟନ୍ତ ଉପଚାର କରିବ । (ମେମ୍ବର ଅଫ୍ ପାର୍ଲାମେଂଟ)

ଗୋଟିଏ ଧାର୍ମିକ ସଂଘଟନର ଧର୍ମଗୁରୁ ହିସାବରେ ଯମାତ୍ ଅହେମଦୀୟାର ଇମାମ୍ ମଣିଷର ଆସନ୍ତା ପିଢ଼ୀର ଦରଦକୁ ଯେଉଁଭଳି ସମୟ ପୂର୍ବରୁ ଅନୁଭବ କରି ଆଜିର ଲିଡ଼ରଶିପ୍‌କୁ ଖବରଦାର କରିଛନ୍ତି ତାହା ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଛି ଏବଂ ମୋର ଆନ୍ତରିକ ଇଛା ଯେ, ଏହି ବାର୍ତା ସର୍ବସାଧାରଣ ହେଉ । (ସାବାଇନେ ଲେଇଡ଼ିଗ୍)

ଯେବେ ମଧ୍ୟ କେହି ଇସଲାମ ଉପରେ ଆରୋପ ଲଗାଇବ ସେତେବେଳେ ମୁଁ ଯୁଗ ଖଲିଫାଙ୍କ ବାଣୀକୁ ଉପସ୍ଥାପନ କରି ଇସଲାମର ପ୍ରତିରକ୍ଷା ନିମନ୍ତେ ଚେଷ୍ଟା କରିବି । (ଭାଇସ୍ ମେୟର)

**ୟୁରୋପ ଗସ୍ତ ସେପ୍ଟେମ୍ବର, ଅକ୍ଟୋବର ୨୦୧୯ ମସିହାରେ ବିଭିନ୍ନ ଉତ୍ସବରେ ସାମିଲ ହୋଇଥିବା ଅଣଯମାତୀୟ ଅତିଥିମାନଙ୍କ ମନୋଭାବ ବ୍ୟକ୍ତ ।**

ଜଣେ ବହୁତ ବଡ଼ ଜ୍ଞାନୀ, ମୁତତ୍‌କି ନମାଜ ରୋଜାର ନିୟମିତ ପାଠ କରି, ତହଜୁଦ୍ ଗୁଜାର୍, ଦୁଆଗୁ, ଗରୀବଙ୍କ ସାଥି, ଧୈର୍ଯ୍ୟବାନ, ସନ୍ତୁଷ୍ଟ ଆତ୍ମା, ନିଷ୍ଠାବାନ ବ୍ୟକ୍ତି ଏବଂ ଖିଲାଫତ୍‌ର ସୁଲ୍‌ତାନେ ନସୀର ମୁକରମ୍ ମୌଲବୀ ମେହମୁଦ୍ ଅହେମଦ୍ ସାହେବ ମୁବଲିଗ୍ ସିଲ୍‌ସିଲା ପାଲାଘାଟ (କେରଳ, ଭାରତ)ଙ୍କ ଦେହାନ୍ତରେ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୦୧ ନଭେମ୍ବର ୨୦୧୯ ଅନୁଯାୟୀ ୦୧ ନବୁଓ୍ୱତ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ-

ବିଗତ ଦିନ ମୁଁ ୟୁରୋପ୍‌ର କେତେକ ଦେଶକୁ ଗସ୍ତ କରୁଥିଲି ଯେଉଁଠି ଦୁଇଟି ଦେଶ ହଲାଣ୍ଡ୍ ଏବଂ ଫ୍ରାନ୍‌ସ୍‌ରେ ଜଲ୍‌ସାସାଲାନା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏତଦ୍‌ବ୍ୟତୀତ ମସ୍‌ଜିଦ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ କରିବା ସହିତ ଆହୁରି ଅନ୍ୟାନ୍ୟ ପ୍ରୋଗ୍ରାମ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଫ୍ରାନ୍‌ସ୍‌ରେ UNESCO ର ଅଟ୍ଟାଳିକାରେ ଗୋଟିଏ ତକ୍‌ରିବ୍ ଅନୁଷ୍ଠିତ ହୋଇଥିଲା, ଯାହାର ଅନୁମତି ସେଠିକାର ବ୍ୟବସ୍ଥାପିକା ପ୍ରଦାନ କରିଥିଲେ ଓ ସେମାନଙ୍କ ନିମନ୍ତ୍ରଣ ପାଇଁ ମୁଁ ସେଠାକୁ ଯାଇଥିଲି ଓ ସେହି ତକ୍‌ରିବ୍‌ରେ ଇସଲାମୀୟ ଶିକ୍ଷାର ବର୍ଣ୍ଣନା, ଜ୍ଞାନ ଚର୍ଚ୍ଚା ଏବଂ ବିଜ୍ଞାନର ଉନ୍ନତି ସାଧନ ନିମନ୍ତେ ମୁସଲ୍‌ମାନ୍ ମାନଙ୍କର କାର୍ଯ୍ୟକୁ ବର୍ଣ୍ଣନା କରିବା ପାଇଁ ମୋତେ ସୌଭାଗ୍ୟ ମିଳିଲା । UNESCO ର ହେଉଛି ୟୁ.ଏନ୍‌ର ଗୋଟିଏ କାର୍ଯ୍ୟାଳୟ ଯାହା ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତିକୁ ଉନ୍ନତି ଦେବାପାଇଁ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟରେ ପ୍ରେସ୍‌ର ସ୍ୱାଧୀନତା, ଗରୀବମୁକ୍ତ ଏବଂ ସଂସ୍କୃତିର ସଂରକ୍ଷଣ ଇତ୍ୟାଦି କାର୍ଯ୍ୟ ମଧ୍ୟ ରହିଛି । ସେ ଯାହାହେଉ ତାଙ୍କର ସେହି କାର୍ଯ୍ୟଧାରା ପ୍ରସଙ୍ଗରେ ଇସ୍‌ଲାମୀୟ ଶିକ୍ଷା ଓ ପୂର୍ବରୁ ଥିବା ମୁସଲ୍‌ମାନ୍‌ମାନେ ଏ ସମ୍ବନ୍ଧରେ ଯେଉଁ ସେବା କରିଛନ୍ତି ଏବଂ ଯେଉଁ ଯୋଗଦାନ ଦେଇଛନ୍ତି ସେହିପରି ଜମାତ୍ ଅହେମଦୀୟାର କାର୍ଯ୍ୟଶୈଳୀ ସମ୍ବନ୍ଧରେ ସେମାନଙ୍କୁ ବତାଗଲା । ସେହିପରି ଜର୍ମାନୀର ବର୍ଲିନ୍ ସହରରେ, ଯାହା

ହେଉଛି ତାଙ୍କର ରାଜଧାନୀ, ସେଠାରେ ରାଜନୈତିଜ୍ଞ ଓ ଶିକ୍ଷିତ ଲୋକମାନଙ୍କୁ ଇସ୍‌ଲାମୀୟ ଶିକ୍ଷା ଏବଂ ଯେଉଁକଥା ୟୁରୋପୀୟ ଲୋକମାନଙ୍କ ମନରେ ରହିଛି ଅର୍ଥାତ୍ ଯେଉଁ ଭାବନା ସେମାନଙ୍କ ଓ ଧାରଣା ରହିଛି ବିଶେଷ ରୂପେ ଜର୍ମାନୀ ଭଳି ଆଉ କିଛି ଦେଶରେ ଏହା ମାତ୍ରାଧିକ ରହିଛି ଯେ ଇସ୍‌ଲାମ୍ ୟୁରୋପ୍‌ର ସଂସ୍କୃତି ଓ ସିବିଲାଇଜେସନ୍ ସହିତ ଇସ୍‌ଲାମୀୟ ଶିକ୍ଷାର ସମ୍ପର୍କ ନାହିଁ । ତେଣୁ ଇସ୍‌ଲାମ୍ ଏଠାକୁ ଆସିବା ଠିକ୍ ନୁହେଁ ଓ ନା ଏଠାକୁ ଆସିପାରିବ ଏବଂ ଇସ୍‌ଲାମ୍ ୟୁରୋପ ପାଇଁ ବହୁତ ବଡ ବିପଦ । ଏ ସମ୍ବନ୍ଧରେ ଇସ୍‌ଲାମୀୟ ଶିକ୍ଷା ଆଲୋକରେ ସେମାନଙ୍କୁ ବତାଇଲି ଓ ସେଠାରେ ବହୁତ ବଡ ବଡ ଶିଖିତ, ରାଜନୈତିଜ୍ଞ ଓ ଡିପ୍ଲୋମେଟ୍‌ସ୍ ମଧ୍ୟ ଉପସ୍ଥିତ ଥିଲେ । ସେମାନଙ୍କର ଉପରେ ବହୁତ ବଡ ସକରାତ୍ମକ ପ୍ରଭାବ ପଡିଲା । ସେମାନେ ଏ କଥାକୁ ପରିପ୍ରକାଶ ମଧ୍ୟ କଲେ । ସେହିପରି ଅନ୍ୟ ତକ୍‌ରିବ୍ ଗୁଡିକରେ ମଧ୍ୟ ଇସ୍‌ଲାମୀୟ ଶିକ୍ଷା ଓ ଇସ୍‌ଲାମ୍‌ର ପରିଚୟ ଦେବାପାଇଁ ମଧ୍ୟ ମୋତେ ସୌଭାଗ୍ୟ ମିଳିଲା । ଅଲ୍‌ହମ୍‌ଦୋଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାକୁ ଦେଖିବା ପାଇଁ ସବୁ ଯାଗାରେ ଅବସର ମିଳିଲା । ବର୍ତମାନ ମୁଁ ବିଭିନ୍ନ ଫଙ୍କ୍‌ସନ୍ ଗୁଡିକରେ ଉପସ୍ଥିତ ରହି ଏହାକୁ ଶୁଣିଥିବା ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନଙ୍କର ଯେଉଁ ମନୋଭାବ ଥିଲା ତାହାକୁ ସଂକ୍ଷିପ୍ତରେ ବର୍ଣ୍ଣନା କରିବି । ଯେଉଁଥିରୁ ଏକଥା ପ୍ରକାଶ ହେଉଛି ଯେ ସେମାନଙ୍କର ଇସ୍‌ଲାମ୍‌ର୍ ପ୍ରକୃତ ଶିକ୍ଷାକୁ ଜାଣିବା ଓ ବୁଝିବା ପାଇଁ ପ୍ରତ୍ୟେକ ସ୍ଥାନରେ ମୌକା ମିଳିଲା । ସେହିପରି ନିଜର ସନ୍ଦେହ ଓ ସଂଶୟକୁ ଦୂର କରିବା ପାଇଁ ପ୍ରତ୍ୟେକ ସ୍ଥାନରେ ମୌକା ମିଳିଲା ।

ହଲାଣ୍ଡ୍ ଜଲ୍‌ସାର ଦ୍ୱିତୀୟ ଦିନ ଡଚ୍ ଅତିଥିମାନଙ୍କୁ ସମ୍ବୋଧନ କାରିବାର ମଧ୍ୟ ମୌକା ମିଳିଲା । ସେଠାରେ ୧୨୫ଜଣ ଡଚ୍ ଅଣ ମୁସଲ୍‌ମାନ୍ ଅତିଥିମାନେ ଉପସ୍ଥିତ ଥିଲେ । ଆମର ଯେଉଁଠି ବର୍ତମାନ ମର୍କଜ ଅଛି ନନ୍‌ସ୍ପିଟ୍ ସେଠିକାର କାଉନ୍‌ସିଲର୍ ନିଜର ମନାଭାବକୁ ବ୍ୟକ୍ତ କି କହିଲେ ବହୁ ପୂର୍ବରୁ ଏଠାକୁ ଆସିବା ପାଇଁ ଅର୍ଥାତ୍ ଜମାତ୍ ଅହେମଦୀୟା ସହିତ ସମ୍ପର୍କ ରଖିବାକୁ ମୁଁ ପସନ୍ଦ କରୁନଥିଲି । କିନ୍ତୁ ସମୟ ସହିତ ସମ୍ପର୍କ ବହୁତ ଭଲ ହୋଇଗଲ । ହଜୁର ଅନ୍‌ୱ୍ୱର୍ କହୁଛନ୍ତି ଯେତେବେଳେ ମୁଁ ସେଠାରେ ପହଂଚିଲି ସେ ମହାଶୟ ମୋତେ ସ୍ୱାଗତ କରିବା ପାଇଁ ସେଠାରେ ପହଂଚିଥିଲେ । ପୁଣି ସେ କହୁଛନ୍ତି ପୂର୍ବରୁ ମଧ୍ୟ ମୁଁ ଜମାତ୍ ଅହେମଦୀୟାର୍ ଇମାମ୍‌ଙ୍କୁ ଶୁଣିଛି । ଏବେ ପୁନର୍ବାର ଶୁଣିବାକୁ ଚାହୁଁଥିଲି । ଏବେ ଇମାନ୍ ଜମାତ୍ ଅହେମଦୀୟା ଯାହା କିଛି କହିଲେ ସେଥିରେ ମୁଁ ବହୁତ ପ୍ରଭାବିତ ହୋଇଛି କାରଣ ଏଥିରୁ ଏମିତି ଲାଗୁଛି ଯେମିତି ଏକ ଗଭୀର ସମ୍ପର୍କ ଆମ ଆପୋଷରେ ହୋଇଯାଇଛି ଏବଂ ଆପଣମାନେ ସମାଜର ଏକ ଆକ୍ଟିଭ୍ ସଦସ୍ୟ ଅଛନ୍ତି ଓ ଏହି ଜଲ୍‌ସାରେ ସାମିଲ୍ ହୋଇ ଏହାକୁ ଅଧିକ ସୁଦୃଢ଼ କରିଛନ୍ତି ।

ସେହିପରି Rotterdam ଯାହା ସେଠିକାର ଗୋଟିଏ ସହର ସେଠାରୁ ଆସିଥିବା ଜଣେ ଅତିଥି ହର୍‌ମ୍ୟାନ୍ ମିଟର୍ ସାହେବ୍ କହିଲେ ଯେ ଜଲ୍‌ସାକୁ ଆସିବା ପୂର୍ବରୁ ମୁଁ ବହୁତ ବ୍ୟତିବ୍ୟସ୍ତ ହୋଇପଡିଥିଲି ଯେ ଏହି ଜଲ୍‌ସାରେ ମୁସଲ୍‌ମାନ୍‌ମାନେ ଏକାଠି ହେଉଛନ୍ତି । ଜଣାନାହିଁ କଣ ହେବ ? କିନ୍ତୁ ଏଠାକୁ ଆସି ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗିଲା ଯେ ଏଠାରେ ତ ଶାନ୍ତି ଓ ସୌହାର୍ଦ୍ଦ୍ୟର କଥା ବର୍ଣ୍ଣନା କରାଯାଉଛି ଏବଂ ମୋତେ ଯେଉଁକଥା ଆପଣଙ୍କ ଭାଷଣରେ ଭଲ ଲାଗିଲା ତାହା ଥିଲା ଏହା ଯେ ଆପଣ ବହୁତ ଦମ୍ଭରେ କଥା କହୁଥିଲେ । ପୁଣି କହୁଛନ୍ତି ଯେ ପୋପ୍ ସାଧାରଣତଃ ଶାନ୍ତି ପ୍ରସଙ୍ଗରେ କଥା କହିଥାନ୍ତି କିନ୍ତୁ ସେ ଜଣେ ଅହେମଦୀ ବନ୍ଧୁକୁ କହିଲେ ଯେ ଆପଣଙ୍କ ଖଲିଫା ଖୋଲାଖୋଲି ଭାବେ ଶକ୍ତିଶାଳୀ ରାଷ୍ଟ୍ରଗୁଡିକୁ ସମ୍ବୋଧନ କରି ଏକଥା କହୁଛନ୍ତି ।

ପୁଣି ଗୋଟିଏ ଡଚ୍ ସ୍ୱାମୀ ସ୍ତ୍ରୀ ଏଥିରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ଯେ ଏ ଜଲ୍‌ସାର ମାହୋଲ୍ ଏକ ଚମତ୍କାରି ମାହୋଲ୍ ଥିଲା । ସମସ୍ତେ ଚରିତ୍ରବାନ୍ ଥିଲେ । ଏପରି ଲାଗୁଥିଲା ଯେମିତି ଏକ ବୈକୁଣ୍ଠର ପରିବେଶ । ପୁଣି ସେ ମୋ ଅଭିଭାଷଣ ସମ୍ବନ୍ଧରେ କହୁଛନ୍ତି ଯେ ଆମ ଉପରେ ଏହି ଭାଷଣ ବହୁତ ବଡ ପ୍ରଭାବ ପକାଇଛି । ସେହିପରି ଯେଉଁମାନେ ଅନୁବାଦ କରୁଥିଲେ ସେମାନେ ମଧ୍ୟ ବହୁତ ପ୍ରଭାବ ପକାଇଛନ୍ତି । ବହୁତ ସୁନ୍ଦର ଅନୁବାଦ କରୁଥିଲେ । ଏହା ଅନୁବାଦକାରୀଙ୍କ ଉପରେ ନିର୍ଭର ହୋଇଥାଏ ଯେ ସେମାନେ କିପରି ବର୍ଣ୍ଣନା କରୁଛନ୍ତି । ସେଥିଯୋଗୁ ଆମ ଅନୁବାଦ ବିଭାଗକୁ ବିଭିନ୍ନ ଦେଶଗୁଡିକରେ ମଧ୍ୟ ଚେଷ୍ଟା କରିବା ଉଚିତ୍ । ଏମ୍.ଟି.ଏ ରେ ତ ଅନୁବାଦ କରୁଛନ୍ତି କିନ୍ତୁ ଯେତେବେଳେ ସେଠାରେ କୌଣସି ଫଙ୍କ୍‌ସନ୍ ଏବଂ ଜଲ୍‌ସା ଇତ୍ୟାଦି ଅନୁଷ୍ଠିତ ହେଉଛି ସେଠାରେ ସଠିକ୍ ଭାବେ ଅନୁବାଦ ହେବା ଉଚିତ୍ ।

ଆଉଜଣେ ଅତିଥି ଡି.ନି ହାର୍‌କିଙ୍କ୍ ସାହେବ୍ ଏଥିରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି କି ମୋର ଶିକ୍ଷାଗତ ବ୍ୟାକ୍‌ଗ୍ରାଉଣ୍ଡ୍ ରହିଛି । ଚାରିବର୍ଷ ପୂର୍ବେ ମୁଁ ଗୋଟିଏ ଅନୁଷ୍ଠାନ୍‌ରେ ଡଚ୍ ଭାଷା ପଢ଼ିବା ଆରମ୍ଭ କଲି । ସେଠାରେ ମୋର ସାକ୍ଷାତ୍ ଗୋଟିଏ ପାକିସ୍ତାନି ପରିବାର ସହିତ ହୋଇଗଲା । ସେମାନେ ଭାଷା ଶିଖିବା ପାଇଁ ଆସୁଥିଲେ । ସେମାନଙ୍କ ସହିତ ସମ୍ପର୍କ ବଢ଼ିଲା ଓ ସେମାନଙ୍କୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ ଦେବାପାଇଁ ମୁଁ  ନିଶ୍ଚିତ କଲି । ସେମାନେ ପ୍ରତ୍ୟେକ ସପ୍ତାହ ମୋ ନିକଟକୁ ଆସି କିଛି ସମୟ ବିତାଉଥିଲେ ଓ ସେମାନଙ୍କ ପିଲାମାନେ ମଧ୍ୟ ମୋ ସହିତ ମିଶୁଥିଲେ । ସେମାନଙ୍କ ପିଲାମାନଙ୍କ ଦ୍ୱାରା ମଧ୍ୟ ମୋତେ ଜମାତ୍ ସମ୍ବନ୍ଧରେ ଜ୍ଞାନ ମିଳିଲା । ପୁଣି ସେ କହୁଛନ୍ତି ଯେ ଏବେ ମୁଁ ଏଠାକୁ ଆସିଛି ଓ ଏଠାରେ ମୋତେ ଆନନ୍ଦ ଅନୁଭବ ହେଉଛି । ଆପଣଙ୍କ ଖଲିଫା ମଧ୍ୟ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭାଇଚାରାର କଥା କହୁଛନ୍ତି । ସେ ପୁଣି କହୁଛନ୍ତି ଯେ ମୁଁ ନିଜେ ହେଉଛି ଜଣେ ଖ୍ରୀଷ୍ଟିୟାନ୍ । ଏଠାରେ ମୁଁ ଦେଖିପାରୁଛି ଯେ ଆପଣଙ୍କ ଜମାତ୍ କେବଳ ଅହେମଦୀମାନଙ୍କ ସହିତ ନୁହେଁ ବରଂ ପ୍ରତ୍ୟେକ ଧର୍ମର ଲୋକମାନଙ୍କ ସିତ ସୁ ବ୍ୟବହାର କରିଥାଏ । ବିଶେଷ ରୂପେ ଜଣେ ମୁସଲ୍‌ମାନ୍ ଧର୍ମଗୁରୁଙ୍କ ଠାରୁ ଏକଥା ଶୁଣିବା ମୋତେ ବହୁତ ପ୍ରଭାବିତ କରିଛି । କାରଣ ଆଜିକାଲି ଇସ୍‌ଲାମ୍ ସମ୍ବନ୍ଧରେ ବହୁତ ଭୁଲ୍ ବୁଝାମଣା ଦେଖିବାକୁ ମିଳୁଛି । ପୁଣି ସେ କହୁଛନ୍ତି ଯେ ଆପଣ ଏ ଦୁନିଆରେ ବ୍ୟାପି ଯାଇଥିବା ଅଶାନ୍ତି ସମ୍ବନ୍ଧରେ ଚର୍ଚ୍ଚା କଲେ ଓ ଶାନ୍ତି ପ୍ରତିଷ୍ଠା କରିବାର ଆବଶ୍ୟକତା ଉପରେ ଜୋର୍ ଦେଲେ । ଆମେ ଭୂଇଁ ଉପରେ ଆପୋଷରେ ମିଳିମିଶି ବସବାସ କରୁଅଛେ । ତେଣୁ ଆମ ସମସ୍ତଙ୍କୁ ଏ ସମ୍ବନ୍ଧରେ ଚେଷ୍ଟା କରିବା ଉଚିତ୍ ଯେ ଆମେ ସମସ୍ତେ କିପରି ମିଳିମିଶି ଶାନ୍ତି ସ୍ଥାପନ କରିବା ।

ପୁଣି ହଲାଣ୍ଡ୍‌ରେ ଅଲ୍‌ମେରେ ସହରରେ ସେମାନେ ଆଉଗୋଟିଏ ମସ୍‌ଜିଦ୍ ନିର୍ମାଣ କରିଛନ୍ତି । ତାହାର ଉଦ୍‌ଘାଟନ ମଧ୍ୟ ଥିଲା । ଅଲ୍‌ମେରେ ସହରର ଚର୍ଚ୍ଚ୍‌ର ଚେୟାର୍‌ମ୍ୟାନ୍ ହାୟୁ ୟତଜଲ୍ ସାହେବ୍ ସେଠାକୁ ଆସିଥିଲେ । ସେ କହୁଛନ୍ତି ଯେ ଆପଣଙ୍କ ଜମାତ୍‌ର ବାର୍ତା ହେଉଛି ଶାନ୍ତିର ବାର୍ତା । ଆପଣଙ୍କ ଖଲିଫା ଶାନ୍ତି ଓ ଧର୍ମୀୟ ସ୍ୱାଧିନତା ଉପରେ ବହୁତ ସୁନ୍ଦର ଭାଷଣ ପ୍ରଦାନ କଲେ । ଅଲ୍‌ମେରେ ସହରରେ ପ୍ରଥମେ କ୍ୟାଥୋଲିକ୍ ଏବଂ ପ୍ରୋଟେଷ୍ଟାଂଟ୍ ମିଳିମିଶି ଶାନ୍ତିରେ ରହୁଥିଲେ । ଏବେ ଆଶା କରାଯାଉଛି ଯେ ଅହେମଦୀମାନେ ମଧ୍ୟ ଆମ ସହିତ ମିଶି ଶାନ୍ତିରେ ରହିବେ । ସେ ଚର୍ଚ୍ଚ୍ ପ୍ରସଙ୍ଗରେ କିଛି କଥା ମଧ୍ୟ କରିଥାନ୍ତେ ନଚେତ୍ ଏହା ସେମାନଙ୍କର ସେଠିକାର ଲୋକମାନଙ୍କର ସର୍ବସାଧାରଣରେ ଏ ଅଭିବ୍ୟକ୍ତ ରହିଛି ଯେ ଯେଉଁ ଅହେମଦୀମାନେ ମଧ୍ୟ ଏଠାରେ ରହୁଛନ୍ତି ଅଲ୍ଲାଃତାଲାଙ୍କ କୃପାରୁ ବହୁତ ମିଳିମିଶି ରହୁଛନ୍ତି ଓ ଏହି ଅହେମଦୀମାନେ ବହୁତ ଶାନ୍ତିପ୍ରିୟ ଅଟନ୍ତି ।

ଆଉଜଣେ ଆରବୀୟ ଅତିଥି ଜକ୍‌ରିୟା ସାହେବ୍ ସେଠାକୁ ଆସିଥିଲେ । ସେ କହୁଛନ୍ତି– ଏହି ପ୍ରୋଗ୍ରାମ୍ ମୋତେ ବହୁତ ଭଲ ଲାଗିଲା । ଆପଣମାନଙ୍କ ଖଲିଫାଙ୍କର ଅଭିଭାଷଣକୁ ମୁଁ ଶୁଣିଲି । ପୁଣି ସେ କହିବାକୁ ଲାଗିଲେ ଯେ ଯଦି ଆମେମାନେ ଶାନ୍ତି ଚାହୁଁଛେ ତେବେ ଏହି ଅଭିଭାଷଣ ଉପରେ ପରିଚାଳିତ ହେବା ଉଚିତ୍ । ପୁଣି ସେ କହୁଛନ୍ତି ଯେ ଜଣେ ଆରବୀୟ ହୋଇଥିବା କ୍ଷେତ୍ରରେ ଏକଥା ମଧ୍ୟ ମୁଁ କହିବାକୁ ଚାହୁଁଛି ଯେ ଆପଣଙ୍କ ପୋଗ୍ରାମର ଆରମ୍ଭରେ ପବିତ୍ର କୋରାନ୍‌ର ଆବୃତି କରାଗଲା ଯାହା ଏହି ଦେଶଗୁଡିକରେ ରହି କରିବା ମଧ୍ୟ  ମୋ ପାଇଁ ଏକ ଆଶ୍ଚର୍ଯ୍ୟ କଥା ଥିଲା ଓ ମୋତେ ବହୁତ ଭଲ ଲାଗିଲା ।

ପୁଣି ଆଉଜଣେ ସ୍ଥାନୀୟ ଅତିଥି ଥିଲେ ଦେନେକେ ସାହିବା । ସେ କହୁଛନ୍ତି ଏହି ଫଙ୍କ୍‌ସନ୍ ବହୁତ ସୁନ୍ଦର ଭାବେ ସଂଗଠିତ କରାଯାଇଥିଲା ଓ ଆପଣଙ୍କ ଖଲିଫାଙ୍କ ଭାଷଣ ମୁଁ ଶୁଣିଲି । ତାହା ବହୁତ ସୁନ୍ଦର ଥିଲା । ଏଠାରେ ମହିଳାମାନଙ୍କ ପାଇଁ ମଧ୍ୟ ବହୁତ ଭଲ ବ୍ୟବସ୍ଥା କରାଯାଇଥିଲା । ମୁଁ ଏଠାକୁ ପ୍ରଥମଥର ପାଇଁ ଆସିଛି ଓ ମୁଁ ଏହି ମସ୍‌ଜିଦ୍‌କୁ ପୁନର୍ବାର ଆସିବି ଓ ଜମାତ୍‌ର ମହିଳାମାନଙ୍କ ସହିତ ସାକ୍ଷାତ୍ କରି ନିଜର ପରିଚୟକୁ ବଢ଼ାଇବି ।

ଆଉଜଣେ ସ୍ଥାନୀୟ ଅତିଥି ଥିଲେ । ସେ କହୁଛନ୍ତି ଯେ ଏହା ହେଉଛି ମୋ ପାଇଁ ପ୍ରଥମ ଅବସର ଯେ ମୁଁ ମୁସଲ୍‌ମାନ୍‌ମାନଙ୍କର ଏହି ପ୍ରକାରର ପ୍ରୋଗ୍ରାମ୍ ମାନଙ୍କରେ ଯୋଗ ଦେଇଛି । ମୁଁ ଏଠାକୁ ଆସିବା ପୂର୍ବରୁ ମୋ ପଡୋଶୀ ମୋତେ ଏକଥା ସୂଚାଇ ଦେଇଥିଲେ ଯେ ବଂଚିକରି ରହିବ । କାରଣ ମୁସଲ୍‌ମାନ୍ ମାନଙ୍କର କିଛି ଠିକ୍ ଠିକଣା ନାହିଁ ଯେ ସେ କେତେବେଳେ କଣ କରିଦେବେ । କିନ୍ତୁ ମୋତେ ଏଠାକୁ ଆସି ବହୁତ ଭଲ ଲାଗିଲା । ଆପଣଙ୍କ ଜମାତ୍‌ର ଲୋକମାନେ ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ଆମର ବହୁତ ଧ୍ୟାନ ରଖିଲେ ।

ପୁଣି ଜଣେ ସ୍ଥାନୀୟ ମହିଳା ଅତିଥି ଏୱ୍ୱାଲିନ୍ ସାହିବା କହୁଛନ୍ତି ଯେ ଦୁଃଖର କଥା ହେଉଛି ଏହା ଯେ ଦୁନିଆକୁ ଇସ୍‌ଲାମ୍‌ର ଏହି ଛବିକୁ ଦର୍ଶାଯାଉନାହିଁ । ଆପଣଙ୍କ ଜମାତ୍‌ର ଲୋକମାନେ ବହୁତ ପରିଶ୍ରମି ଓ ବହୁତ ଅତିଥି ପରାୟଣ । ମୁଁ ଆଜି ଏହି ମସ୍‌ଜିଦ୍‌କୁ ପ୍ରଥମ ଥର ପାଇଁ ଦେଖିବାକୁ ପାଇଲି । କିନ୍ତୁ ମୁଁ ଆସନ୍ତାକୁ ମଧ୍ୟ ଏଠାକୁ ଆସିବା ପାଇଁ ଇଛା କରିବି । କାରଣ ଆପଣଙ୍କର ଏହି ମସ୍‌ଜିଦ୍‌ରେ ମୋତେ ବହୁତ ଶାନ୍ତି ମିଳିଲା ।

ଏହାପରେ ପୁଣି ଫ୍ରାନ୍‌ସ୍‌ର ଗସ୍ତ ଥିଲା । ଏମାନଙ୍କର ମଧ୍ୟ ଏହିପରି ବହୁତ ମନୋଭାବ ବ୍ୟକ୍ତି ରହିଛି କିନ୍ତୁ ମୁଁ ସେଥି ମଧ୍ୟରୁ କିଛିଟା ବର୍ଣ୍ଣନା କଲି । ଫ୍ରାନ୍‌ସ୍‌ର ଯେଉଁ ଗସ୍ତ ଥିଲା ସେଠାରେ ଜଲ୍‌ସା ଅନୁଷ୍ଠିତ ହୋଇଥିଲା ଓ ସେହି ଜଲ୍‌ସାରେ ଏହିପରି ଗଏର୍ ଅହେମଦୀ, ଗଏର୍ ମୁସ୍‌ଲିମ୍ (ଅର୍ଥାତ୍ ଅଣ ଅହେମଦୀ ଓ ଅଣ ମୁସ୍‌ଲିମ୍) ମାନଙ୍କ ସହିତ ବୈଠକ ଥିଲା । ସେଥିରେ ପାଖାପାଖି ୨୫ଜଣ ଅତିଥି ଯୋଗ ଦେଇଥିଲେ । ସେଠାରେ ଜଣେ ମହିଳା ଅତିଥି ଯିଏ ପେଶାରେ ହେଉଛନ୍ତି ଜଣେ Anthropologist ସେ କହୁଛନ୍ତି ଯେ ଯେତେବେଳେ ଖଲିଫା ଏ କଥା କହିଲେ ଯେ ଫ୍ରାନସ୍ ରେ ଯେଉଁସବୁ ଆକ୍ରମଣ କରାଯାଇଛି ସେ ସେଗୁଡିକୁ ନିନ୍ଦା କରୁଛନ୍ତି ଏଥିରୁ  ଖଲିଫା ଏକଥା ସ୍ୱଷ୍ଟ କରିଦେଲେ ଯେ ଏହିପରି ଆକ୍ରମଣ ସହିତ ଇସ୍‌ଲାମ୍‌ର କୌଣସି ସମ୍ପର୍କ ନାହିଁ । ପୁଣି ସେ କହୁଛନ୍ତି ଯେ ଜମାତ୍ ଅହେମଦୀୟାର ଇମାମ୍ ଇସ୍‌ଲାମ୍‌ର ଯେଉଁ ବାସ୍ତବିକ ସ୍ୱରୂପକୁ ଉପସ୍ଥାପନ କରିଛନ୍ତି ସେଥିରୁ ଜଣାପଡୁଛି ଯେ ମୁସଲ୍‌ମାନମାନେ ବହୁତ ସହଜରେ ପ୍ରାଶ୍ଚାତ୍ୟ ଦେଶଗୁଡିକରେ ଇଂଟିଗ୍ରେଟ୍ ହୋଇପାରିବେ ଏବଂ ସେ ପୁଣି କହିଲେ ଯେ ଯେଉଁମାନେ ଏକଥା କହୁଛନ୍ତି କି ପ୍ରାଶ୍ଚାତ୍ୟ ଦେଶଗୁଡିକରେ ଇସ୍‌ଲାମ୍‌ର କୌଣସି ସ୍ଥାନ ନାହିଁ ବୋଲି ଅର୍ଥାତ୍ ମୁସଲ୍‌ମାନ୍‌ମାନେ ସେଠାରେ ମିଳମିଶି ରହିପାରିବେ ନାହିଁ ବୋଲି ସେମାନେ ଭୁଲ୍ କହୁଛନ୍ତି । ଏହିଭଳି ଲୋକମାନଙ୍କୁ ଆଜିର ଏହି ଅଭିଭାଷଣଟି ଶୁଣିବା ଉଚିତ୍ ଥିଲା ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ’ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ପୁଣି ଜଣେ ଗଏର୍ ଅହେମଦୀ ମୁର୍‌ତଜା ସାହେବ୍ ଯାହାଙ୍କ ସମ୍ବନ୍ଧ ଇରାନ୍ ଦେଶ ସହିତ ଥିଲା ସେ କହୁଛନ୍ତି ଯେ ତାଙ୍କୁ ଆଜି ପ୍ରଥମ ଥର ଅହେମଦୀୟା ଜମାତ୍ ଏବଂ ଖଲିଫତୁଲ୍ ମସିହ୍‌ଙ୍କ ଷ୍ଟାଟସ୍ ବିଷୟରେ ଜଣାପଡିଲା । ଲୋକମାନେ ଇସ୍‌ଲାମ୍ ବିରୋଧରେ ବହୁତ ପ୍ରପୋଗଣ୍ଡା କରୁଛନ୍ତି । ଆପଣଙ୍କ ଖଲିଫା ଆଜି ସେମାନଙ୍କୁ ବହୁତ ଜବରଦସ୍ତ ଉତର ଦେଇଛନ୍ତି । ମୁସଲ୍‌ମାନ୍‌ମାନଙ୍କର ଅବସ୍ଥା ତ ଏପରି ଯେ ସେମାନଙ୍କୁ ନିଜର ବିଶ୍ୱାସ ଏବଂ ଆସ୍ଥା ସମ୍ବନ୍ଧରେ ମଧ୍ୟ ଜ୍ଞାନ ନାହିଁ । ସେମାନଙ୍କୁ ଆପଣଙ୍କ ଖଲିଫାଙ୍କ ନିକଟରୁ ଶିକ୍ଷା ନେବା ଉଚିତ୍ । ଅସଲ କଥା ତ ହେଉଛି ଏହା ଯେ ଏ ଯୁଗର ଇମାମ୍ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍‌ଙ୍କ ସହିତ ଯୋଡି ହୋଇ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ବିଷୟରେ ଜ୍ଞାନ ମିଳିଥାଏ ଓ ଯେପର୍ଯ୍ୟନ୍ତ ଏହି ମୁସଲ୍‌ମାନ୍ ମାନଙ୍କୁ ଏ ବିଷୟରେ ଜ୍ଞାନ ନ ହେବ ଯେ ସେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଆସିବାକୁ ପଡିବ ସେପର୍ଯ୍ୟନ୍ତ ପ୍ରକୃତ ଇସ୍‌ଲାମ୍, ସଠିକ୍ ଇସ୍‌ଲାମ୍ ବିଷୟରେ ଜ୍ଞାନ ମିଳିପାରିବ ନାହିଁ । ସେ ଯାହାହେଉ ସେ କହୁଛନ୍ତି ଯେ ଖଲିଫା ଆଜି ଏକଥା ସ୍ୱଷ୍ଟ କରିଦେଲେ ଯେ ଅସଲ ଜିହାଦ୍ କଣ ଏବଂ କିପରି ତାହାର ଭୁଲ୍ ବ୍ୟାଖ୍ୟା କରାଯାଉଅଛି । ଖଲିଫା ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟର ଘଟଣାବଳୀ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ଯେଉଁ ଘଟଣାବଳୀକୁ ଉପସ୍ଥାପନ କଲେ ସେଥିରୁ ଏହା ପ୍ରମାଣ ହେଉଛି ଯେ ଇସ୍‌ଲାମ୍ ହେଉଛି ଗୋଟିଏ ଶାନ୍ତିପ୍ରିୟ ଧର୍ମ । ମୁଁ ମୋ ଜୀବନରେ ପ୍ରଥମଥର ପାଇଁ ଏହିପରି ବୁଦ୍ଧିମତାରେ ପରିପୁର୍ଣ୍ଣ ଓ ବୁଦ୍ଧି ସଙ୍ଗତ ଇସ୍‌ଲାମ୍‌ର ବାର୍ତାକୁ ଶୁଣିବାକୁ ପାଇଲି ।

ପୁଣି ମରାକିସ୍ ସହିତ ସମ୍ପର୍କ ରଖିଥିବା ଜଣେ ଗଏର୍ ଅହେମଦୀ ଅତିଥି ସୁଫିୟାନ୍ ସାହେବ୍ କହୁଛନ୍ତି ଯେ ମୋତେ ଆଜିର ଅଭିଭାଷଣ ଶୁଣି ଏକଥା ଅନୁମାନ କଲି ଯେ ଆପଣମାନେ ହିଁ ବାସ୍ତବିକ ଓ ପ୍ରକୃତ ମୁସଲ୍‌ମାନ ଅଟନ୍ତି ଓ ଯେଉଁ ଲୋକମାନେ ଏକଥା କହୁଛନ୍ତି ଯେ ଆପଣମାନେ ମୁସଲ୍‌ମାନ୍ ନୁହଁନ୍ତି ବୋଲି ସେମାନେ ସମ୍ପୂର୍ଣ୍ଣ ଭୁଲ୍ କହୁଛନ୍ତି । ପିଲାଦିନୁ ମୌଲବୀମାନେ ମୋତେ ଅହେମଦୀମାନଙ୍କ ସମ୍ବନ୍ଧରେ ଯାହାକିଛି ଶିଖାଇଥିଲେ ତାହା କିଛି ମିଥ୍ୟା ଥିଲା । କିନ୍ତୁ ଫ୍ରାନ୍‌ସ୍‌ରେ ଲୋକମାନେ ଇସ୍‌ଲାମ୍ ଓ ମୁସଲ୍‌ମାନ୍ ମାନଙ୍କୁ ବହୁତ ଡରୁଛନ୍ତି । ଆମକୁ ଏକଥା ଜଣାନଥିଲା ଯେ ଆମେ କିଭଳି ଏହାର ପ୍ରତିରକ୍ଷା କରିବୁ । କିଭଳି ଲୋକମାନଙ୍କର ଭୟ ଓ ଶଙ୍କାକୁ ଦୂର କରିବୁ । ଆଜି ସେ କହୁଛନ୍ତି ଯେ ଆପଣଙ୍କ ଖଲିଫା ବହୁତ ସୁନ୍ଦର ଶୈଳୀରେ ଇସ୍‌ଲାମ୍‌ର ପ୍ରତିରକ୍ଷା କଲେ ଓ ଯେପରିକି ମୁଁ କହିଲି ଯେ ପ୍ରକୃତ ଇସ୍‌ଲାମୀୟ ଶିକ୍ଷା କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ୍‌ରେ ହିଁ ଆସିବା ପରେ ହିଁ ପ୍ରାପ୍ତ ହୋଇଥାଏ ।

ଜଣେ ଇସାଇ ଅତିଥି ଥିଲେ ଜାକବ ସାହେବ୍ । ସେ କହୁଛନ୍ତି:- ଏହିଭଳି ପ୍ରୋଗ୍ରାମ୍ ଏ ଦୁନିଆରେ ବହୁମାତ୍ରାରେ ଆବଶ୍ୟକ । ଆପଣଙ୍କର ଖଲିଫା ବିଭିନ୍ନ ଜାତି ମଧ୍ୟରେ ଓ ବିଭିନ୍ନ ଜାତି ମଧ୍ୟରେ ଥିବା ଦୂରତାକୁ କମ୍ କରୁଛନ୍ତି । ସେ ଆମକୁ ଏକଥା ବୁଝାଇଛନ୍ତି ଯେ ଯେଉଁ ସନ୍ତ୍ରାସବାଦ କାର୍ଯ୍ୟକଳାପ ହେଉଛି ତାହା ରାଜନୀତି ଉଦ୍ଦେଶ୍ୟରେ କରାଯାଉଛି । ଧର୍ମ ହେଉଛି ଏକ ସୁନ୍ଦର ଜିନିଷ । ଧର୍ମକୁ ଡରିବା ଉଚିତ୍ ନୁହେଁ । ଖଲିଫା ବାରମ୍ବାର ଧର୍ମୀୟ ସ୍ୱାଧୀନତା କଥାକୁ କହୁଥିଲେ । ଫ୍ରାନ୍‌ସ୍‌ର ଲୋକମାନେ ଇସ୍‌ଲାମ୍ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଲଗା ଚିନ୍ତାଧାରା ରଖିଛନ୍ତି ।

ପୁଣି ଜଣେ ଅତିଥି ମ୍ୟାକ୍‌ସାଇନ୍ ଅନ୍‌ଫ୍ରେ ଯିଏ ଥିଙ୍କ୍‌ଟ୍ୟାଙ୍କ୍‌ରେ କାର୍ଯ୍ୟରତ ସେ କହିବାକୁ ଲାଗିଲେ ଯେ ଆଜି ମୋ ଜୀବନର ଗୋଟିଏ ବହୁତ ସୁନ୍ଦର ଦିନ ଥିଲ । ସେଥିରେ ଆଜି ମୁଁ ଆପଣଙ୍କ ଖଲିଫାକୁ ପ୍ରତ୍ୟକ୍ଷ ରୂପେ ଶୁଣିବାକୁ ପାଇଲି ଓ ସେ ବିଲ୍‌କୁଲ୍ ଠିକ୍ କହିଛନ୍ତି ଯେ ବର୍ତମାନ୍ ଆମେ ଏପରି ଏକ ଅନ୍ଧାର ଯୁଗ ଦେଇ ଗତି କରୁଅଛେ ଯେଉଁଥିରେ ଘୃଣାଭାବ ମିଳୁଅଛି । କିନ୍ତୁ ତତ୍‌ସହିତ ଆମକୁ ଏକଥା ମଧ୍ୟ ବୁଝାଇଦେଲେ ଯେ ଏହା ସବୁକିଛି ଧର୍ମଯୋଗୁଁ ହେଉନାହିଁ । ତେଣୁ ଇସ୍‌ଲାମ୍‌କୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ । ଖଲିଫା ଏକଥା ମଧ୍ୟ କହିଲେ ଯେ ଧର୍ମକୁ କଟରପନ୍ଥୀ ଲୋକମାନେ ହାଇଜାକ୍ କରିନେଇଛନ୍ତି ଓ ତାକୁ ରାଜନୈତିକ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରୁଛନ୍ତି । ମୁଁ ଏକଥାରେ ବିଲ୍‌କୁଲ୍ ସହମତ । ପୁଣି ସେ କହୁଛନ୍ତି ଯେ ଖଲିଫା ଆମକୁ ଇସ୍‌ଲାମୀୟ ଶିକ୍ଷା ଆଲୋକରେ ବୁଝାଇଦେଲେ ଯେ ଆମେ ଆସନ୍ତା ସମୟରେ ନିଜର ଆସନ୍ତା ପିଢ଼ୀମାନଙ୍କ ପାଇଁ କେଉଁ ପ୍ରକାରର ପୃଥିବୀକୁ ଛାଡି ଯାଇପାରିବା ଏବଂ ସେ କହୁଛନ୍ତି ଯେ ଏହି ଭାଷଣଟି ଛପାଯିବା ଉଚିତ୍ ଓ ଆମ ସମସ୍ତଙ୍କୁ ମିଳିବା ଉଚିତ୍ ।

ପୁଣି ୮ ଅକ୍ଟୋବର୍ ଦିନ ୟୁନେସ୍‌କୋର କାର୍ଯ୍ୟାଳୟରେ ଗୋଟିଏ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ୯୧ ଜଣ ଅତିଥି ଯୋଗ ଦେଇଥିଲେ । ସେଥିରେ ୟୁନେସ୍‌କୋରେ ଥିବା ମାଲି ଦେଶର ଆମ୍ବାସେଡର୍, ଫ୍ରାନ୍‌ସ୍‌ର ବୈଦେଶିକ ମନ୍ତ୍ରାଳୟ ଓ ଗୃହ ବିଭାଗର କାର୍ଯ୍ୟ ନିର୍ବାହୀମାନେ ଉପସ୍ଥିତ ଥିଲେ । ସେହିପରି ଧର୍ମ ସଂକ୍ରାନ୍ତୀୟ ଉପଦେଷ୍ଟା, ଫ୍ରାନ୍‌ସ୍‌ର ଧର୍ମବିଭାଗର ଯେଉଁ ମନ୍ତ୍ରାଳୟ ରହିଛି ତାହାର ଉପଦେଷ୍ଟା, ଧର୍ମ ବିଭାଗର ଡିରେକ୍ଟର୍, ନାଟୋ ମେମୋରିଆଲ୍‌ର ପ୍ରେସିଡେଂଟ୍, ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, କାଉନ୍‌ସିଲର୍, ମେୟର୍ ଏବଂ ବିଭିନ୍ନ ସରକାରୀ ଅନୁଷ୍ଠାନ ସହିତ ସମ୍ବନ୍ଧ ରଖିଥିବା ସଦସ୍ୟଗଣ ଓ ଡିରେକ୍ଟର୍‌ଗଣ ଇତ୍ୟାଦି ସାମିଲ୍ ହୋଇଥିଲେ ।

ମାଲି ଦୋଷରୁ ୟୁନେସ୍‌କୋରେ ମୃତୟନ ହୋଇଥିବା ରାଜଦୂତ ଉମର କାଏନାତ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ ଜମାତ୍ ଅହେମଦୀୟାର ଇମାମ୍ ଶାନ୍ତିର ପ୍ରଚାର ପ୍ରସାର କରୁଛନ୍ତି । ମୁଁ ଆପଣଙ୍କର ଏହି ଶାନ୍ତିପୁର୍ଣ୍ଣ ବାର୍ତା ଯୋଗୁଁ ଶୁଭେଚ୍ଛା ଜଣାଉଛି । ୟୁନେସ୍‌କୋ ଏପରି ଏକ ଆଇଡିଆଲ୍ ସ୍ଥାନ ଯେଉଁଠି ଶାନ୍ତି ସମ୍ବନ୍ଧରେ ବାର୍ତାଳାପ କରାଯାଇପାରେ ଏବଂ ପୁଣି ସେ ନିଜର ବାକି ଅନ୍ୟାନ୍ୟ ପ୍ରତିକ୍ରିୟା ମଧ୍ୟ ପରିପ୍ରକାଶ କଲେ ଯେ କିଭଳି ଏହି ଭାଷଣରୁ ଓ ଏହି ଅଭିଭାଷଣରୁ ଆମକୁ ବହୁତ କିଛି କଥା ଶିକ୍ଷା ମିଳିଲା ଓ ଜାଣିବାକୁ ମିଳିଲା ଏବଂ ପୁଣି କହୁଛନ୍ତି ଯେ ଏହା ହିଁ ହେଉଛି ସେହି ବିଷୟ ଯାହାର ଆବଶ୍ୟକତା ଉମ୍ମତେ ମୁସ୍‌ଲିମାକୁ ରହିଛି । ମାଲିରେ ରହୁଥିବା ଲୋକମାନେ ନିଜେ ମୁସଲ୍‌ମାନ୍ ନୁହଁନ୍ତି । ସେ କହୁଛନ୍ତି- ଏହା ହେଉଛି ସେ ବିଷୟ ଯାହାର ଆବଶ୍ୟକତା ଉମ୍ମତେ ମୁସଲ୍‌ମାନଙ୍କୁ ରହିଛି । ଆନ୍ତର୍ଜାତୀୟ ନ୍ୟାୟ ଓ ଭାତୃଭାବ ର ଯେଉଁ ଛବିକୁ ଇମାମ୍ ଜମାତ୍ ଉପସ୍ଥାପନ କଲେ ଏ ପୃଥିବୀକୁ ଏହାର ଭୀଷଣ ଆବଶ୍ୟକତା ରହିଛି ।

ପୁଣି ନ୍ୟାଟୋ ମେମୋରିଆଲ୍‌ର ସଭାପତି ମିଷ୍ଟର୍ ବ୍ରେନ୍‌ଟନ୍ ସାହେବ୍ କହିଲେ ଯେ ଏଥିରେ ସାମିଲ୍ ହୋଇ ସେ ବହୁତ ଆନନ୍ଦିତ । ପୁଣି ସେ କହିଲେ ଯେ ଏହି କନ୍‌ଫରେନ୍‌ସ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଥିଲା । ଏଥିରୁ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଭାଇଚରା ସ୍ଥାପନ ହୋଇପାରେ । ମୋର ଏ ଆନ୍ତରିକ ଇଛା ଯେ ଅଧିକରୁ ଅଧିକ ଲୋକେ ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ବାର୍ତାକୁ ଶୁଣନ୍ତୁ । ପୁଣି ସେ କହୁଛନ୍ତି ଯେ ସେ ବାସ୍ତବିକ ଇସ୍‌ଲାମ୍‌ର କଥା କହୁଛନ୍ତି ଯାହା ଶାନ୍ତିପୂର୍ଣ୍ଣ ଓ ସହିଷ୍ଣୁତାର ଶିକ୍ଷା ରହିବ । ଏହି ବାର୍ତା ଚରମପନ୍ଥୀ ଲୋକମାନଙ୍କ କାର୍ଯ୍ୟକଳାପଠାରୁ ବିଲ୍‌କୁଲ୍ ଭିନ୍ନ । ଇମାମ୍ ଜମାତ୍ ଏହି ଶାନ୍ତିର ବାର୍ତାକୁ ଆଗକୁ ବଢ଼ାଇବା ପାଇଁ ବହୁତ ଚେଷ୍ଟା କରୁଛନ୍ତି । ପୁଣି କହୁଛନ୍ତି ଯେ ଏହା ହେଉଛି ଏକ ଜରୁରୀ କାର୍ଯ୍ୟ । ଶାନ୍ତି କାର୍ଯ୍ୟକ ଆଗକୁ ବଢ଼ାଇବା ପାଇଁ ଆମେ ମଧ୍ୟ ତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରହିଛୁ । ପୁଣି କହୁଛନ୍ତି ଯେ ଆମମାନଙ୍କୁ ମଧ୍ୟରୁ ପ୍ରତ୍ୟେକ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଏହି କାର୍ଯ୍ୟକୁ ସବୁ ସ୍ତରରେ କରିବା ଉଚିତ୍ ଓ ଏଥିପାଇଁ ନିଜର କାର୍ଯ୍ୟ ନମୁନାକୁ ମଧ୍ୟ ପେଶ୍ କରିବା ଉଚିତ୍ ।

ପୁଣି ଫ୍ରାନ୍‌ସ୍‌ରେ ମାଲି ଦେଶ ସହିତ ସମ୍ବନ୍ଧ ରଖିଥିବା କ୍ୟାଥୋଲିକ୍ ସଦସ୍ୟମାନଙ୍କର ଆସୋସିଏସନ୍‌ର ସଭାପତି ଦିଆଲୁ ସାହେବ୍ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ଥିଲେ । ସେ କହୁଛନ୍ତି ଯେ ମୁଁ ପୂର୍ବରୁ ଅହେମଦୀମାନଙ୍କ ସମ୍ବନ୍ଧରେ ଜାଣିଥିଲି । ଆଜି ଯେଉଁ ବାର୍ତା ଆମକୁ ମିଳିଛି ଏହି ବାର୍ତାକୁ ଅନ୍ୟ ଧର୍ମର ଲୋକମାନଙ୍କ ନିକଟରେ ପହଂଚାଇବା ଉଚିତ୍ । ଏହି ଅଭିଭାଷଣଟିକୁ ଶୁଣିବା ପରେ ମୋତେ ଏପରି ଲାଗିଲା ଯେ ଏହା ହେଉଛି ଏତେ ସୁନ୍ଦର ବାର୍ତା ଓ ଏହାକୁ ଶୁଣିବା ପରେ ମୋ ମନକୁ ଏତେ ଆନନ୍ଦ ଲାଗିଲା ମୁଁ ଇସ୍‌ଲାମ୍‌ର ଉନ୍ନତି ପାଇଁ ନିଜେ ପ୍ରାର୍ଥନା କରିବାକୁ ଲାଗିଲି । ଇଏ ହେଉଛନ୍ତି ଜଣେ କ୍ୟାଥୋଲିକ୍ । ପୁଣି ସେ କହୁଛନ୍ତି ଯେ ଯଦି ପୃଥିବୀରେ ଏଭଳି ଇସ୍‌ଲାମ୍ କାଏମ୍ ହେବ ଯାହା ଜମାତ୍ ଅହେମଦୀୟାର ଇମାମ୍ ଉପସ୍ଥାପନ କରୁଅଛନ୍ତି ତେବେ ଏ ପୃଥିବୀରୁ ସବୁ ପ୍ରକାର ସମସ୍ୟା ଶେଷ ହୋଇଯିବ । ଯେତେବେଳେ ଅନ୍ୟମାନଙ୍କର ଭାବନାକୁ ସମ୍ମାନ ଦିଆଯିବ ସେତେବେଳେ ସବୁସ୍ଥାନରେ ଶାନ୍ତି ପ୍ରତିଷ୍ଠା ହେବ । ଆପୋଷରେ ସମ୍ମାନ ବିନିମୟ ବହୁତ ଆବଶ୍ୟକ ରହିଛି । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜ ଧର୍ମ ଉପରେ ପ୍ରତିଷ୍ଠିତ । କିନ୍ତୁ ଆମ ସମସ୍ତଙ୍କ ମଧ୍ୟରେ ଗୋଟିଏ ସମାନତା ରହିଛି ତାହା ହେଉଛି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ।

ପୁଣି ଜଣେ ଅତିଥି ବର୍ଣ୍ଣାଡ୍ ସାହେବ୍ କହୁଛନ୍ତି ଯେ ଆମେ ଟି.ଭିରେ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ପ୍ରପଗଣ୍ଡା ଶୁଣୁଥିଲୁ ଆଜି ତାହାର ସମ୍ପୂର୍ଣ୍ଣ ବିପରୀତ ଇସ୍‌ଲାମ୍‌ର ଶିକ୍ଷା ଏଠାରେ ଉପସ୍ଥାପନ କରାଗଲା ଏବଂ ଏହା ହିଁ ହେଉଛି ପ୍ରକୃତ ଇସ୍‌ଲାମ୍ । ସେ ପୁଣି କହୁଛନ୍ତି ଯେ ମୁଁ ଆଜି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ଜ୍ଞାନ ଆହରଣ କଲି ଯେ କିଭଳି ସେ ମଦିନାରେ ବହୁତ ଉଚ୍ଚ ସ୍ତରର ସମାଜ ସ୍ଥାପନ କରିଥିଲେ । ମୋତେ ଆଜି ପ୍ରଥମଥର ପାଇଁ ଏକଥା ଜାଣିବାକୁ ମିଳିଲା ଯେ ଇସ୍‌ଲାମ୍ ଜ୍ଞାନ କ୍ଷେତ୍ରରେ କେତେବଡ ଭାଗିଦାରୀ ରହିଛି ଏବଂ ଏ ପୃଥିବୀକୁ ଜ୍ଞାନ ପ୍ରଦାନ କରିଛି ।

ପୁଣି ଫ୍ରାନ୍‌ସ୍‌ର ଜଣେ ମାନବିକ ଅଧିକାର ଫେଡେରେସନ୍‌ର ସଦସ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ଯେ ହଜୁର୍‌ଙ୍କର ଭାଷଣ ବହୁତ ଉତମ ଓ ବହୁତ ଗଭୀର ବିଷୟ ବସ୍ତୁ ଉପରେ ଆଧାରିତ ଥିଲା । ବହୁତ ବ୍ୟାଖ୍ୟା କରି ଜ୍ଞାନର ଆବଶ୍ୟକତା ଓ ଜ୍ଞାନର ଉନ୍ନତି ପାଇଁ ନିଆ ଯାଇଥିବା ପଦକ୍ଷେପକୁ ସେଥିରେ ବର୍ଣ୍ଣନା କରାଯାଇଛି । ହଜୁର୍ ଜ୍ଞାନର ଇତିହାସରେ ଇସ୍‌ଲାମ୍‌ର ସେବା ମୂଳକ କାର୍ଯ୍ୟକୁ ମଧ୍ୟ ବର୍ଣ୍ଣନା କଲେ । ଏହା ଅତ୍ୟନ୍ତ ଆଗ୍ରହ ମୂଳକ ଓ ଜ୍ଞାନବର୍ଦ୍ଧକ ଥିଲା ।

ପୁଣି ସିଟି କାଉନ୍‌ସିଲ୍‌ର ଜଣେ ସଦସ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ଥିଲେ । ସେ କହୁଛନ୍ତି ଯେ କାଉନ୍‌ସିଲ୍‌ରେ ବିଭିନ୍ନ ଜାତି ମଧ୍ୟରେ ଭେଦଭାବର ବିରୋଧ କରିବାର କାର୍ଯ୍ୟ ନିମନ୍ତେ ଥିବା ବିଭାଗର ମୁଁ ଇନ୍‌ଚାର୍ଯ୍ ଏବଂ ପୁଣି କହୁଛନ୍ତି ଯେ ବିଶେଷ ରୂପେ ଯେଉଁ ଭାଷଣ, ଯେଉଁ କଥା ଗୁଡିକ ମୁଁ ଆଜି ଏଠାରେ ଶୁଣିବାକୁ ପାଇଲି ସେଥିରେ ହଜୁର୍ ମହିଳାମାନଙ୍କୁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ସମାନ ଶିକ୍ଷାର ଅବସର ଯୋଗାଇଦେବାପାଇଁ କଥା କହିଛନ୍ତି ଏବଂ ପୁଣି ଧର୍ମ ଧର୍ମ ମଧ୍ୟରେ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ କହିଛନ୍ତି । ଏହା ଅତ୍ୟନ୍ତ ଜରୁରୀ ଅଟେ । ପୁଣି ଆଫ୍ରିକା ଦେଶଗୁଡ଼ିକରେ ପଛୁଆ ଇଲାକାରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଜମାତ୍‌ର ଯେଉଁ ପ୍ରୋଜେକ୍ଟସ୍ ଗୁଡ଼ିକର ଆରମ୍ଭ କରାଯାଇଛି ସେଗୁଡ଼ିକର ମଧ୍ୟ ଚର୍ଚ୍ଚା କଲେ । ସେ ପୁଣି କହୁଛନ୍ତି ଯେ ସାଧାରଣତଃ ଯେତେବେଳେ ଫ୍ରାନ୍ସ୍ ବା ଅନ୍ୟାନ୍ୟ ଦେଶଗୁଡ଼ିକରେ ଇସ୍‌ଲାମ୍ ସମ୍ବନ୍ଧିତ ଚର୍ଚ୍ଚା କରାଯାଇଥାଏ ସେତେବେଳେ ବିଭିନ୍ନ ପ୍ରକାରର ସଂଶୟ ବିଷୟ ଚର୍ଚ୍ଚା କରାଯାଇଥାଏ । ଏ ସମାଜରେ ଗୋଟିଏ ଇସ୍‌ଲାମ୍ ଫୋବିୟା ରହିଛି, ସେଥିରେ ଇସ୍‌ଲାମ୍ ସମ୍ବନ୍ଧରେ ସକରାତ୍ମକ କଥା ଶୁଣିବାକୁ ମିଳୁଅଛି । ସେଥିପାଇଁ ମୋତେ ବହତୁ ଖୁସି ଲାଗୁଛି । ସେ କହୁଛନ୍ତି ଯେ ମୋର ଏ ଇଚ୍ଛା ଥିଲା ଯେ ମୁଁ ଏଠାକୁ ଆସେ ଓ ଦେଖେ ଯେ ଆପଣଙ୍କ ଜମାତ୍ କେଉଁ ପ୍ରକାରର ଓ କିଭଳି କାମ କରୁଅଛି ଏବଂ ଆପଣଙ୍କ ସମ୍ବନ୍ଧରେ ଅଧିକ ଜ୍ଞାନ ଆହରଣ କରିବି । ସୁତରାଂ ଆଜି ମୋର ଏହି ସମସ୍ତ ଇଚ୍ଛା ପୂରଣ ହୋଇଗଲା ।

ପୁଣି ଜଣେ ଅତିଥି ଆଲେକ୍‌ଜାଣ୍ଡାର୍ ସାହେବ୍ କହୁଛନ୍ତି ଯେ ଖଲିଫା ଶାନ୍ତିର ବାର୍ତ୍ତା ଦେଇଛନ୍ତି ଏବଂ ଏହି ଭାଷଣଟି ସତ୍ୟ ଉପରେ ଆଧାରିତ ଥିଲା । ହଜୁର୍ ବହୁତ ଖୋଲାଖୋଲି ଭାବେ ଓ ଅତ୍ୟନ୍ତ ସ୍ପଷ୍ଟ କଥା କହିଛନ୍ତି । ମୋତେ ଲାଗୁଛି ଯେ ଅହେମଦୀୟା ଜମାତ୍ ଗୁଲାମୀ (ଦାସତ୍ୱ ପ୍ରଥା)ର ବିଷୟକୁ ସ୍ପଷ୍ଟ କରିଦେଇଛି । ଏହି ବାର୍ତ୍ତା ବହୁତ ସାନ୍ଦାର ଥିଲା । ମୁସଲ୍‌ମାନ୍‌ମାନଙ୍କ ମଧ୍ୟରୁ ଅହେମଦୀମାନେ ଏହି ବାର୍ତ୍ତାକୁ ଉପସ୍ଥାପନ କରିଛନ୍ତି ଯେ ହେଉଛି ଗୋଟିଏ ଛୋଟିଆ ଜମାତ୍ ।

ପୁଣି ଜଣେ ମହିଳା ଜର୍ନାଲିଷ୍ଟ୍ କହୁଛନ୍ତି ଯେ ମୁଁ ଭାଷଣ ଶୁଣିଲି, ବହୁତ ଭଲ ଭାଷଣ ଥିଲା । ଏକଥା ଶୁଣି ବିଶେଷ ରୂପେ ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଗଲି ଯେ ଇସ୍‌ଲାମ୍ ପୃଥିବୀରେ କେତେମାତ୍ରାରେ ଶିକ୍ଷାଗତ ଉନ୍ନତି କରିଛି ଓ ଏଥିରେ ମୁସଲ୍‌ମାନ୍‌ମାନଙ୍କର କେତେବଡ ଅବଦାନ ରହିଛି ଓ ସେ ସବୁର ଦୃଷ୍ଟାନ୍ତ ଗୁଡ଼ିକୁ ମଧ୍ୟ ହଜୁର୍ ନିଜ ଭାଷଣରେ ପ୍ରତିପାଦନ କଲେ ଏବଂ ପବିତ୍ର କୋରାନ୍‌ର ମଧ୍ୟ ଉଦାହରଣ ଦେଲେ ଏବଂ ସେହିପରି ଆଁ ହଜ୍‌ରତ୍ ସ:ଆ:ସଙ୍କର ମଧ୍ୟ ଉଦାହରଣ ଦେଲେ ଯେ କିପରି ସେ ଗୋଟିଏ ଶାନ୍ତିପୂର୍ଣ୍ଣ ସମାଜ ସ୍ଥାପନ କରିଛନ୍ତି । ସେ ପୁଣି କହୁଛନ୍ତି ଯେ ଆଜି ମୁଁ ଏଠାରୁ ବହୁତ କିଛି ଶିଖିଛି ।

ପୁଣି ଜଣେ ଅତିଥି ମିଷ୍ଟର୍ ବ୍ରେଜିୟୁ ୱିଲ୍ଲି ସାହେବ୍ ଯିଏ ଜଣେ ଚ୍ୟାରିଟିରେ କାର୍ଯ୍ୟରତ । ସେ କହୁଛନ୍ତି ଯେ ଏହା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଭାଷଣ ଥିଲା । ସେଥିରେ ବହୁତ ସୁନ୍ଦର ବାର୍ତ୍ତା ଥିଲା । ଏକ ଐତିହାସିକ ବାର୍ତ୍ତା ଥିଲା । ଏପରି ଏକ ବାର୍ତ୍ତା ଥିଲା ଯାହାକୁ ସାରା ପୃଥିବୀ ଶୁଣିବା ଉଚିତ୍ । ଏହି ଭାଷଣଦ୍ୱାରା ମୋର ଜ୍ଞାନର ବୃଦ୍ଧି ହୋଇଛି ଓ ମୋତେ ଶାନ୍ତିର ପ୍ରକୃତ ବାସ୍ତବିକତା ଓ ଗୁରୁତ୍ୱ ବିଷୟରେ ଜଣାପଡିଛି ।

ପୁଣି ଷ୍ଟ୍ରାସ୍‌ବର୍ଗଠାରେ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ରଖାଯାଇଥିଲା । ଜର୍ମାନୀ ଦେଶର ସୀମାରେ ଷ୍ଟ୍ରାର୍ସ୍‌ବର୍ଗ ହେଉଛି ଫ୍ରାନ୍ସ୍ ଦେଶର ଦ୍ୱିତୀୟ ବଡ ସହର । ସେଠାରେ ଉଣାଅଧିକେ ୧୯୧ ଜଣ ଅତିଥି ଯୋଗ ଦେଇଥିଲେ । ସେହି ଅତିଥିମାନଙ୍କ ଗହଣରେ ଇଲାକାର ପାର୍ଲିଆମେଂଟ୍ ମେମ୍ବର ମଧ୍ୟ ଥିଲେ ୫ଟି ଇଲାକାର ମେୟର୍ ମଧ୍ୟ ସାମିଲ୍ ହୋଇଥିଲେ । ବିଭିନ୍ନ ଧର୍ମର ପ୍ରତିନିଧିମାନେ ମଧ୍ୟ ସାମିଲ୍ ହୋଇଥିଲେ । ବିଭିନ୍ନ ଆସୋସିଏସନର୍‌ର ସଭାପତି ମଧ୍ୟ ଥିଲେ । ବିଭିନ୍ନ ବିଭାଗ ସହିତ ଜଡିତ ରହିଥିବା ଲୋକମାନେ ମଧ୍ୟ ସାମିଲ୍ ହୋଇଥିଲେ । ଆଖପାଖର ଯେଉଁ ଛୋଟ ଛୋଟ କସ୍‌ବା ଗୁଡ଼ିକ ରହିଛି ସେଗୁଡ଼ିକରୁ ଲୋକମାନେ ମଧ୍ୟ ବିଶେଷ ରୂପେ ଚାଲି ଆସିଥିଲେ କାରଣ ସେମାନଙ୍କ ମଧ୍ୟରେ ଇସ୍‌ଲାମ୍ ବିରୁଦ୍ଧରେ ବହୁଳ ମାତ୍ରାରେ ଶଙ୍କା ଥିଲା ବରଂ କହିବାକୁ ଗଲେ ଘୃଣାଭାବ ଦେଖାଯାଉଥିଲା ଏବଂ ଯେତେବେଳେ ସେମାନେ ଏଠାକୁ ଆସି ଯୋଗଦେଲେ ସେମାନଙ୍କର ମନୋଭାବ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା ।

ଫ୍ରେନ୍‌ଚ୍ ପାର୍ଲିଆମେଂଟ୍‌ରେ ସଦସ୍ୟ ମାର୍ଟିନ୍ ସାହିବା କହୁଛନ୍ତି ଯେ ଆପଣ ଯେଉଁ ପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି ସେଥିରେ ମୁଁ ଅତ୍ୟନ୍ତ ଆନନ୍ଦିତ । ଗୋଟିଏ ଶାନ୍ତିର ବାର୍ତ୍ତା, ଭାଇଚାରାର ବାର୍ତ୍ତା ଏବଂ ଏହି ବାର୍ତ୍ତା ସାରା ପୃଥିବୀବାସୀଙ୍କ ପାଇଁ ଉର୍ଦ୍ଦିଷ୍ଟ । ପୁଣି ସେ କହୁଛନ୍ତି ଯେ ଅହେମଦୀମାନେ ହେଉଛନ୍ତି ଅତ୍ୟନ୍ତ କର୍ମଠ । ଏମାନେ କିଛି କରି ଦେଖାଇବାକୁ ଚାହୁଁଛନ୍ତି ଓ ସେମାନଙ୍କ କର୍ମରୁ ସେମାନଙ୍କର ଉଦ୍ଦେଶ୍ୟ ଝଲକୁ ଅଛି । ପୁଣି ସେ କହୁଛନ୍ତି ଯେ ମୁଁ ପୁନର୍ବାର ଆଉକେବେ ଆସିବି । ଯେତେବେଳେ ଏଠାରେ ବହୁତ କମ୍ ଲୋକଥିବେ ଓ ଆପଣମାନଙ୍କ ସହିତ ବସି ମନଭରି କଥା ହେବାର ଅବସର ମିଳିବ । ତା'ପରେ ମୁଁ ଆପଣମାନଙ୍କ ଉତମ ସମ୍ମାନ ଓ ପ୍ରତିଷ୍ଠା ସମ୍ବନ୍ଧରେ ମୁଁ ଜାଣିପାରିବି । ଆମ ସମାଜ ପାଇଁ ଓ ସମାଜର ଉନ୍ନତି ପାଇଁ ଏହା ଅତ୍ୟନ୍ତ ଜରୁରୀ । ପୁଣି ସେ କହୁଛନ୍ତି ଯେ ଆପଣଙ୍କ ଖଲିଫା ଶାନ୍ତିପ୍ରତିଷ୍ଠା ସମ୍ବନ୍ଧିତ କଥା କହିଛନ୍ତି, ସହିଷ୍ଣୁତାର କଥା କହିଛନ୍ତି । ଫ୍ରାନ୍ସ୍ ପାଇଁ ଓ ଫ୍ରାନ୍ସ୍‌ର ସହର ଗୁଡ଼ିକ ପାଇଁ ଏହି ବାର୍ତ୍ତା ଅତ୍ୟନ୍ତ ଗୁରୁତ୍ୱ ରଖିଛି । ଫ୍ରେନ୍‌ଚ୍ ଲୋକମାନଙ୍କୁ ଏହା ଜାଣିବା ବହୁତ ଜରୁରୀ ଯେ ଆମେ ଯେଉଁ ଇସ୍‌ଲାମ୍‌କୁ ମିଡିଆ ମାଧ୍ୟମରେ ଜାଣଅଛେ ତାହା ସମ୍ପୂର୍ଣ୍ଣ ଭିନ୍ନ । ଆମକୁ ଏହି ଅସଲ ଓ ବାସ୍ତବିକ ଇସ୍‌ଲାମ୍‌କୁ ଜାଣିବାର ଆବଶ୍ୟକତା ରହିଛି ।

ପୁଣି ସେଠିକାର କାଉନ୍‌ସିଲ୍ ଅଫ୍ ବ୍ୟାରିନ୍‌ରେ ଗୋଟିଏ ବିଭାଗର ଉପସଭାପତି ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ଯେ ଆମ ଇଲାକାରେ ତିବତ୍ ଦେଶ ସହିତ ସମ୍ବନ୍ଧ ରଖିଥିବା ବୌଦ୍ଧମତର ୟୁରୋପିଆନ୍ ସେଂଟର୍ ରହିଛି । ମୁଁ ଧର୍ମ ସମ୍ବନ୍ଧରେ ଜ୍ଞାନ ରଖିଛି । ଇସାଇ, ୟୁହୁଦୀ ଯୋଡୋ ଖ୍ରୀଷ୍ଟିୟାନ୍ ଏବଂ ବୌଦ୍ଧମତ ଇତ୍ୟାଦିର ସେବାକାର୍ଯ୍ୟ ସମ୍ବନ୍ଧରେ ପରିଚିତ ଅଛି କିନ୍ତୁ ଯେଉଁ ଭାଷଣ ଆଜି ମୁଁ ଏଠାରେ ଶୁଣିବାକୁ ପାଇଲି ତା ଦ୍ୱାରା ମୁଁ ବହୁତ ପ୍ରଭାବିତ ହେଲି । କାରଣ ଗୋଟିଏ ତ ଆପଣଙ୍କର ବାକ୍ୟ ଗୁଡ଼ିକ ଥିଲା ଓ ଆଉଗୋଟିଏ ଆପଣଙ୍କର ଦୃଷ୍ଟିକୋଣ ଥିଲା ଓ ତାହା ଏହା ଥିଲା କି "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାରିକୁ ନାହିଁ" । ଆପଣ ଇସ୍‌ଲାମ୍‌ର ସମ୍ପୂର୍ଣ୍ଣ ଛବିକୁ ଉପସ୍ଥାପନ କଲେ । ଆଜିକାଲି ଇସ୍‌ଲାମ୍‌କୁ ଯେଉଁଭଳି ବୁଝାଯାଉଛି ଆପଣ ତାହାର ବିପରୀତ ଇସ୍‌ଲାମ୍‌ର ପ୍ରକୃତ ସ୍ୱରୂପକୁ ଉପସ୍ଥାପନ କଲେ । ଆପଣଙ୍କର କଥା ଓ ଆପଣଙ୍କ ଦୃଷ୍ଟିକୋଣ ମଧ୍ୟରେ ବହୁତ ସାମଞ୍ଜସ୍ୟ ଥିଲା । ଆପଣ ପ୍ରତ୍ୟେକଙ୍କ ପାଇଁ ନିଜର ଦ୍ୱାର ଉନ୍ମୁକ୍ତ ରଖିଛନ୍ତି ଏବଂ ଆଜିର ଏହି ସଭାରେ ମୁଁ ଏକଥା ଶିଖିବାକୁ ପାଇଲି । ଏହା ହିଁ ଶାନ୍ତିର ମାର୍ଗ ଅଟେ ।

ପୁଣି ଷ୍ଟ୍ରାସ୍‌ବର୍ଗ୍‌ର ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ୟୁବାଜିୟା ସାହେବ୍ ଏବଂ ତାଙ୍କ ସହିତ ଜଣେ ମହିଳା ବୋଧହୁଏ ତାଙ୍କର ସ୍ତ୍ରୀ ହୋଇଥିବେ, ସାମିଲ୍ ହୋଇଥିଲେ । ସେମାନେ କହୁଛନ୍ତି ଯେ ଆମେ ଆଜିର ଏହି ଉତ୍ସବରେ ମିଳିଥିବା ନିମନ୍ତ୍ରଣକୁ ଗ୍ରହଣ କରିବା ପୂର୍ବରୁ ଇଂଟରନେଟ୍‌ରେ ଆପଣଙ୍କ ଜମାତ୍ ସମ୍ବନ୍ଧରେ ଜ୍ଞାନ ହାସଲ କଲୁ । ଜମାତ୍ ଅହେମଦୀୟାର ଏହି ପ୍ରକାର ଚେଷ୍ଟା ସମ୍ବନ୍ଧରେ ଜାଣି ଆମେ ଆନ୍ତରିକତାର ସହିତ ନିମନ୍ତ୍ରଣକୁ ଗ୍ରହଣ କଲୁ ଏବଂ ସବୁଠାରୁ ଅଧିକ ଆମକୁ ଏକଥାରେ ଖୁସି ଲାଗିଲା ଯେ ଏଠାରେ ଆନ୍ତର୍ଜାତୀୟ ଧର୍ମର ଉନ୍ନତି ବିଷୟରେ କୁହାଗଲା ଓ ଭାଷଣରେ ମଧ୍ୟ ମାନବିକ ଅଧିକାର ଏବଂ ବିଶେଷ ରୂପେ ପଡୋଶୀମାନଙ୍କର ଅଧିକାର ସମ୍ବନ୍ଧରେ ଇସ୍‌ଲାମୀୟ ଶିକ୍ଷାକୁ ଉପସ୍ଥାପନ କରାଗଲା ।

ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି:- ସୁତରାଂ ଆମର ଏହିସବୁ ସଭାଗୁଡ଼ିକରେ ଯେଉଁ ଲୋକମାନେ ଯୋଗ ଦେଉଛନ୍ତି ସେମାନେ ଇଂଟରନେଟ୍ ଜରିଆରେ ଜମାତ୍ ବିଷୟରେ ମଧ୍ୟ ଜ୍ଞାନ ଆହରଣ କରୁଛନ୍ତି ଏବଂ ସେଠାରେ ହିଁ ସେମାନଙ୍କୁ ପୁଣି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ସମ୍ବନ୍ଧରେ ବହୁତ କିଛି ଜାଣିବାକୁ ମିଳୁଛି ।

ଆଉଜଣେ ଅତିଥି କହିଲେ ଯେ ମୋ ପାଇଁ ନିଜର ମନୋଭାବକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ମୋତେ ଇସ୍‌ଲାମ୍‌ର ଏହି ସଂଗଠନ ବିଷୟରେ ପୂର୍ବରୁ ସମ୍ପୂର୍ଣ୍ଣ ରୂପେ କିଛି ଜଣାନଥିଲା । ଗଳି ମଧ୍ୟରେ କିଛି ଲୋକ ମୋତେ ମିଳିଲେ । ଯେଉଁମାନେ ଏ ସଭାରେ ଯୋଗଦେବାପାଇଁ ମୋତେ କହିଲେ । ମୁଁ ଇଂଟରନେଟ୍‌ରୁ କିଛି ତଥ୍ୟ ନେଲି । ତା'ପରେ ଏଠାକୁ ଆସିବା ପାଇଁ ନିଷ୍ପତି କଲି ଓ କେତେ ହିଁ ଭଲ ନିଷ୍ପତି ଥିଲା । ଯାହାକିଛି ଆଜି ମୁଁ ଏଠାରେ ଶୁଣିଲି ମୁଁ ତାହାର ପ୍ରଶଂସା ନ କରି ରହିପାରୁନାହିଁ । ଇସ୍‌ଲାମ୍‌ର ଏହି ଶାଖାଟି ଶାନ୍ତିପୁର୍ଣ୍ଣ ଶାଖା ଅଟେ । ଏହା ଇସ୍‌ଲାମ୍‌ର ଅସଲ ଛବି । ଏହା ହେଉଛି ଏପରି ଇସ୍‌ଲାମ୍ ଯେଉଁଥିରେ ମାନବିକତା ଅଛି, ପ୍ରେମ ରହିଛି ଏବଂ ସ୍ନେହ ରହିଛି । ଏବେ ମୁଁ ଜାଣିବାକୁ ପାଇଲି ଯେ ଯେଉଁ ଇସ୍‌ଲାମ୍ ସମ୍ବନ୍ଧରେ ଆମକୁ ବତାଯାଉଥିଲା ତାହା ଇସ୍‌ଲାମ୍ ନୁହେଁ ବରଂ ଆଉକିଛି । ମୋତେ ଏବେ ଜଣାପଡିଲା ଯେ ଇସ୍‌ଲାମ୍‌ର ନୈତିକ ଶିକ୍ଷା ଇସାୟିୟତ୍‌ର ଶିକ୍ଷା ପରି । ଏକଥା ତ ଏମାନେ ବାଧ୍ୟ ହୋଇ କହୁଛନ୍ତି ନଚେତ୍ ବହୁତ ଗୁଡିଏ ପ୍ରାଇଭେଟ୍ ମଜ୍‌ଲିସ୍‌ରେ ଏମାନେ ଏକଥା ମଧ୍ୟ ପ୍ରକାଶ କରୁଛନ୍ତି ଯେ ଇସ୍‌ଲାମ୍‌ର ଶିକ୍ଷା ଇସାୟିୟତ୍‌ର ଶିକ୍ଷାଠାରୁ ବହୁତ ଭଲ । ପୁଣି କହୁଛନ୍ତି ଯେ ଖଲିଫାଙ୍କର କଥାରୁ ମୋର ଏହି ବିଶ୍ୱାସ ହୋଇଗଲା ଯେ ଏହି ଜମାତ୍ ହେଉଛି ଏକ ଅସାଧାରଣ ଜମାତ ।

ପୁଣି ଆଉଜଣେ ବନ୍ଧୁ ହେଉଛନ୍ତି ଜଷ୍ଟିନ୍ ସାହେବ୍ ଯିଏ ସହରର ଜିଲ୍ଲା କାଉନ୍‌ସିଲ୍‌ର ପ୍ରେସିଡେଂଟ୍ ଅଛନ୍ତି ସିଏ କହୁଛନ୍ତି ଯେ ଆରମ୍ଭରୁ ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ ଏଠାରେ ଗୋଟିଏ ମସ୍‌ଜିଦ୍ ନିର୍ମାଣ ହେବାକୁ ଯାଉଛି ବୋଲି ସେତେବେଳେ ମୋ ମଧ୍ୟରେ ବହୁତ ସଂଶୟ ଓ ସନ୍ଦେହ ସୃଷ୍ଟି ହୋଇଥିଲା । କିନ୍ତୁ ଯେତେବେଳେ ମୁଁ ଆପଣମାନଙ୍କର ଏହି ସ୍ଲୋଗାନ୍‌କୁ ଶୁଣିଲି ଅର୍ଥାତ୍ "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାରିକୁ ନାହିଁ" ସେତେବେଳେ ମୋର ଏ ଖିଆଲ୍ ହେଲା ଯେ ବର୍ତମାନର ଏ ପୃଥିବୀର ଏହା କିପରି ସମ୍ଭବ ହୋଇପାରେ କେହି ଏମିତି ପ୍ରିୟ ସ୍ଲୋଗାନ୍ ଦେଉଥିବ ଓ ତାକୁ ଗ୍ରହଣ କରା ନ ଯିବ । ଜମାତ୍ ଅହେମଦୀୟା ସନ୍ତ୍ରାସବାଦ ଓ ଚରମପନ୍ଥୀ ବିରୋଧର କାର୍ଯ୍ୟକଳାପରେ ଏକ ତରୱାରି ହୋଇପାରେ ଏବଂ ଏକ ଗୁରୁତ୍ୱପୁର୍ଣ୍ଣ ଭୂମିକା ନିର୍ବାହ କରିପାରିବ । ଫ୍ରାନ୍ସ୍‌ରେ ଏପର୍ଯ୍ୟନ୍ତ ଲୋକମାନେ ଜମାତ୍ ଅହେମଦୀୟାକୁ ତ ଏତେମାତ୍ରାରେ ଜାଣିନାହାଁନ୍ତି । କିନ୍ତୁ ଚରମପନ୍ଥୀ କାର୍ଯ୍ୟକଳାପ ଓ ବର୍ତମାନ ଉପୁଜୁଥିବା କଠିନ ପରିସ୍ଥିତି ବିରୋଧରେ ଅହେମଦୀୟତ୍‌ର ଦୃଷ୍ଟିକୋଣକୁ ହିଁ ଦେଖିବା ଉଚିତ୍ ଓ ତା ଯୋଗେ ଜାଣିବା ଉଚିତ୍ । ସେଥିପାଇଁ ଆପଣମାନଙ୍କୁ ବହୁତ କାମ କରିବା ଉଚିତ୍ ।

ପୁଣି ଲ୍ୟୁକ୍ ଗେଞ୍ଜିକ୍ ସାହେବ୍ ଯିଏ ଗୋଟିଏ ସହରର ମେୟର୍ ଅଛନ୍ତି । ସେ କହୁଛନ୍ତି ଯେ ମୁଁ ପ୍ରଥମଥର ପାଇଁ ଏ ମସ୍‌ଜିଦ୍‌କୁ ଆସିଛି । ଯଦି ମସ୍‌ଜିଦ୍‌କୁ ଆସିବା ଦ୍ୱାରା ଏହିଭଳି କଥା

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ମିଳିଥାଏ ଯାହା ଆଜି ମୁଁ ଏଠାରେ ଦେଖିଲି ତେବେ ମୁଁ ପ୍ରତ୍ୟେକ ଦିନ ମସ୍‌ଜିଦ୍ ଆସିବି। ମୋତେ ମସ୍‌ଜିଦ୍‌କୁ ଆସିବା ଏତେ ଭଲ ଲାଗିଲା ଯେ ଏତେ ଶାନ୍ତି ମିଳିଲା ଯେ ମୁଁ ତାହାକୁ ବର୍ଣ୍ଣନା କରିପାରୁନାହିଁ।

ପୁଣି ସେଠାରୁ ୧୪ ଅକ୍ଟୋବର୍ ଦିନ ଜର୍ମାନୀ ଯିବାକୁ ପଡିଲା। ସେଠାରେ ଓ୍ୱିଜ୍‌ବାଦନ୍ ମସ୍‌ଜିଦ୍‌ର ଉଦ୍‌ଘାଟନ ହେବାର ଥିଲା ଓ ସେଠିକାର ଏକ ବିରାଟ ହଲ୍ ମଧ୍ୟରେ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହେଲା କାରଣ ମସ୍‌ଜିଦ୍ ପ୍ରାଙ୍ଗଣରେ ସ୍ଥାନ ନଥିଲା। ଏହି ଉତ୍ସବରେ ଯେଉଁ ଅତିଥିମାନେ ସାମିଲ୍ ହୋଇଥିଲେ ସେମାନଙ୍କର ସଂଖ୍ୟା ୩୭୦ ଥିଲା ଏବଂ ଲର୍ଡ୍, ମେୟର୍ ଇତ୍ୟାଦି ବ୍ୟକ୍ତିବିଶେଷ ସେଠାକୁ ଆସିଥିଲେ କିନ୍ତୁ ସେଠାରେ ରାଜ୍ୟସଭାର ସଦସ୍ୟମାନେ ମଧ୍ୟ ଥିଲେ ଓ ବିଭନ୍ନ ମନ୍ତ୍ରାଳୟର ସରକାରୀ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଡିରେକ୍ଟର୍‌ମାନେ ମଧ୍ୟ ଥିଲେ, ପୋଲିସ୍ ଅଫିସର୍ ଥିଲେ, ଚର୍ଚ୍ଚ୍‌ର ପାଦ୍ରୀ ଥିଲେ। ପ୍ରଫେସର୍, ଡାକ୍ତର ଏବଂ ଓକିଲମାନେ ମଧ୍ୟ ଥିଲେ ସେହିପରି ବିଭିନ୍ନ ବିଭାଗ ସହିତ ସମ୍ବନ୍ଧ ରଖିଥିବା ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଯୋଗ ଦେଇଥିଲେ।

କ୍ୟାଥୋଲିକ୍ ଚର୍ଚ୍ଚର ଜଣେ ପାଦ୍ରୀ କହିଲେ ଯେ ଆପଣ ଯେଉଁ ଭାଷଣ ଦେଲେ ସେଥିରେ ସବୁ ପ୍ରକାରର ଦୃଷ୍ଟିକୋଣକୁ ବର୍ଣ୍ଣନା କରିଦେଇଛନ୍ତି ଏବଂ ମୁଁ ଏଥିସହିତ ସମ୍ପୂର୍ଣ୍ଣ ସହମତ ଅଛି। ଅନ୍ୟମାନଙ୍କ ସହିତ ପ୍ରେମ କରିବା ଖୁଦାଙ୍କ ଅଧିକାରୁ ପ୍ରଦାନ କରିବା। ଏହି ସବୁ ଆମ ଶିକ୍ଷାରେ ମଧ୍ୟ ବର୍ଣ୍ଣିତ ରହିଛି। ସେହିପରି ସେ କହୁଛନ୍ତି ଯେ ଆଜି ପର୍ଯ୍ୟନ୍ତ ଇସ୍‌ଲାମ୍‌ର ଇଶ୍ୱରଙ୍କ ସମ୍ବନ୍ଧରେ ଏତେ ଗଭୀର ଓ ଏବେ ବ୍ୟାପକ ଚର୍ଚ୍ଚା ହେବାର ଶୁଣିନାହିଁ। ଯାହା ଇଶ୍ୱରଙ୍କ ବାଦକୁ ପୂର୍ଣ୍ଣ ଦାବୀର ସହିତ ବର୍ଣ୍ଣନା ହୋଇଥିବ। ସେହି ଖୁଦାଙ୍କ ଏକେଶ୍ୱରବାଦକୁ ପୃଥିବୀର ସମସ୍ତ ଧର୍ମ, ସମସ୍ତ ଦେଶ ଓ ସମସ୍ତ ମାନବ ସମାଜର ପାଳନକର୍ତ୍ତା ଇଶ୍ୱର ବୋଲି ଅଭିହିତ କରିଥାଏ। ସେହି ଇଶ୍ୱର ଏ ଭୂପୃଷ୍ଠରେ ବସବାସ କରୁଥିବା ସମସ୍ତ ଜୀବଜଗତ, ସମସ୍ତ ଧର୍ମ, ଜାତି ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ପାଳନ କରିଥାନ୍ତି। ପୁଣି ସେ କହୁଛନ୍ତି- କାଳେ ଏ ପୃଥିବୀର ସମସ୍ତ ନେତାମାନେ ଯଦି ଶାନ୍ତି ସମ୍ବନ୍ଧରେ ଏହିପରି ଭାଷଣ ଦିଅନ୍ତେ ତେବେ ବହୁତ ଭଲ ହୁଅନ୍ତା। ସେ ପୁଣି କହୁଛନ୍ତି ଯେ ମୁଁ ଜମାତ୍ ଅହେମଦୀୟା ସହିତ ବର୍ତ୍ତମାନ ଯୋଗାଯୋଗ କରିବାକୁ ଇଚ୍ଛା କରିବି ଏବଂ ମସ୍‌ଜିଦ୍ ଦେଖିବାକୁ ମଧ୍ୟ ନିଶ୍ଚିତ ରୂପେ ଆସିବି। ହଜୁର୍ କହୁଛନ୍ତି ସେ ନିଜେ ହିଁ ଏକ ପ୍ରକାରର ମନୋଭାବ ପୋଷଣ କରିନେଇଛନ୍ତି ଯେ ଇସ୍‌ଲାମ୍‌ର ଖୁଦା ହେଉଛନ୍ତି ଜଣେ ଓ ଇସାଇ ମାନଙ୍କର ଖୁଦା ହେଉଛନ୍ତି ଆଉଜଣେ। ଯେତେବେଳେ ସେମାନଙ୍କୁ ଠିକକଥା ବତାଇ ଦିଆଯାଏ ସେମାନେ ପରିଶେଷରେ ମାନିବା ପାଇଁ ବାଧ୍ୟ ହେଉଛନ୍ତି।

ପୁଣି ମାଇନ୍‌ଜି ସହରରୁ ଆସିଥିବା ଜଣେ ଚର୍ଚ୍ଚ୍‌ର ପ୍ରତିନିଧି କହୁଛନ୍ତି ଯେ ପଡୋଶୀମାନଙ୍କ ଅଧିକାର ସମ୍ବନ୍ଧରେ ଆପଣ ଯାହାକିଛି କହିଲେ ଏବଂ ବହୁତ ବ୍ୟାଖ୍ୟା କରି ଇସ୍‌ଲାମୀୟ ଶିକ୍ଷାକୁ ଯେଉଁଭଳି ଉପସ୍ଥାପନ କଲେ ଏହା ମୋ ପାଇଁ ସମ୍ପୂର୍ଣ୍ଣ ନୂଆ ଓ ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା ଓ ମୁଁ କୌଣସି ମଧ୍ୟ ଧାର୍ମିକ ବ୍ୟକ୍ତି ବିଶେଷଙ୍କୁ ଏତେ ମାତ୍ରାରେ ପଡୋଶୀମାନଙ୍କ ହକ୍‌କୁ ପ୍ରଦାନ କରିବା ସମ୍ବନ୍ଧରେ ତାଗିଦ୍ କରିବାର ପ୍ରଥମଥର ପାଇଁ ଶୁଣିଲି।

ପୁଣି ଜଣେ ଲ ଫର୍ମ୍‌ର ଓକିଲ ଏଥିରେ ଯୋଗ ଦେଇଥିଲେ। ସେ କହୁଛନ୍ତି ଯେ ଜମାତ୍ ଅହେମଦୀୟାର ଚିନ୍ତାଧାରା ବିଷୟରେ ତ ମୁଁ ଓ ମୋ କାର୍ଯ୍ୟାଳୟ ପୂର୍ବରୁ ଅବଗତ ଥିଲେ ଓ ଆଶ୍ଚର୍ଯ୍ୟ ଚକିତ ମଧ୍ୟ ଥିଲେ କିନ୍ତୁ ଆଜି ପଡୋଶୀମାନଙ୍କ ଅଧିକାର ବିଷୟରେ ଯାହାକିଛି ଆପଣ ବର୍ଣ୍ଣନା କଲେ ଓ ପଡୋଶୀମାନଙ୍କର ସଂଜ୍ଞାର ବ୍ୟାପକତା ଯେଉଁଭଳି ବର୍ଣ୍ଣନା କଲେ ତାହା ଗୋଟିଏ ସହରରୁ ନେଇ ଅନ୍ୟ ସହର ପର୍ଯ୍ୟନ୍ତ ବ୍ୟାପିଗଲା। ଏଥିରେ ଆମେ ଆହୁରି ଅଧିକା ଆଶ୍ଚର୍ଯ୍ୟ ଚକିତ ହେଲୁ। ସେଥିପାଇଁ ଏ ସହରର ଅଧିବାସୀମାନଙ୍କର ଜମାତ୍ ଅହେମଦୀୟାର ସହାନୁଭୂତି ଓ କୁଶଳ ମଙ୍ଗଳ କାମନା କରିବାର ପରିଧି ଆହୁରି ଅଧିକା ବ୍ୟାପକ ହୋଇଯାଇଛି।

ପୁଣି ଆଉଜଣେ ଅତିଥି ସୁଜାନେ ସାହିବା ଯିଏ ଜଣେ ଶିକ୍ଷୟତ୍ରୀ ମଧ୍ୟ ସେ କହୁଛନ୍ତି ଯେ ଏହି ଭାଷଣ ସବୁଠାରୁ ଯେଉଁ କଥାଟି ମୋତେ ଭଲ ଲାଗିଲା ତାହା ହେଉଛି ଏହା କି ଆମେ ସମସ୍ତ ମାନବ ଜାତିର ସୃଷ୍ଟିକର୍ତ୍ତା ହେଉଛନ୍ତି ଜଣେ ଏବଂ ଆମେ ସମସ୍ତେ ଗୋଟିଏ ଇଶ୍ୱରଙ୍କ ଉପରେ ହିଁ ବିଶ୍ୱାସ ରଖିଛେ। ଏକଥାକୁ ଆମ ସମସ୍ତଙ୍କୁ ମନେ ରଖିବା ଉଚିତ୍।

ପୁଣି ଜଣେ ମହିଳା କୋନି ସାହିବା ଯାହାଙ୍କ ସମ୍ବନ୍ଧ ଡାଇଗ୍ରୋଉନ୍ ପାର୍ଟି ସହିତ ରହିଛି ଏବଂ ଯିଏ ଉଇଜ୍‌ବାଦନ ସହରର ପାର୍ଲିଆମେଂଟ୍‌ରେ ଇଂଟିଗ୍ରେସନ୍ ବିଭାଗ ପାଇଁ କାମ କରୁଛନ୍ତି। ସେ କହୁଛନ୍ତି ଯେ ଏହି ଭାଷଣଟି ଅତ୍ୟନ୍ତ ପ୍ରୋତ୍ସାହନ ପ୍ରଦାନକାରୀ ଥିଲା। ଗୋଟିଏ କଥା ଯାହା ହେଉଛି ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମୁଁ ତାକୁ କେବେ ଭୁଲିବି ନାହିଁ ତାହା ହେଉଛି ଏହା କି ହଜୁର୍‌ଙ୍କର ଏହି ଉକ୍ତି 'ଅହେମଦୀମାନଙ୍କୁ ନିଜ ପରିବେଶ ନିମନ୍ତେ ଜଣେ ହିତକାରୀ ଅସ୍ତିତ୍ୱ ବନିବା ଉଚିତ୍'। ଏକଥା ଉପରେ କେବଳ ଅହେମଦୀମାନଙ୍କୁ ହିଁ ନୁହେଁ ବରଂ ସମସ୍ତଙ୍କୁ ପରିଚାଳିତ ହେବା ଉଚିତ୍। ଯଦି ସବୁ ମୁସଲ୍‌ମାନ୍ ଗୋଷ୍ଠୀ ଗୁଡିକ ସ୍ୱତଃପ୍ରୃତ ଭାବେ ଅହେମଦୀମାନଙ୍କ ପରି ଓପୋନ୍ ମାଇଣ୍ଡେଡ୍ ହୋଇଯାଆନ୍ତେ ତେବେ ଆମର ଆପୋଷରେ ମିଳିମିଶି ରହିବା ବହୁତ ସହଜ ହୋଇଯାଆନ୍ତା। ଏଠାରେ ଏକଥା ମଧ୍ୟ ସ୍ପଷ୍ଟ କରିଦେଉଛି ଯେ ଅବଶ୍ୟ ଆମେ ମିଳିମିଶି ତ ରହୁଛେ କିନ୍ତୁ କିଛି ଲୋକ ବେଳେବେଳେ କପଟତାକୁ ପ୍ରକାଶ କରିଦେଇଥାନ୍ତି। ସେଇଥିପାଇଁ ନିଜ ଶିକ୍ଷା ଭିତରେ ରହି ଆପଣ କଥା କରନ୍ତୁ ଏବଂ ଇଂଟିଗ୍ରେସନ୍ ପାଇଁ ଏହି ଚାରିତ୍ରିକ ପରିଧି ମଧ୍ୟରେ ରହି ମଧ୍ୟ ଆରାମ୍‌ରେ ଶିକ୍ଷାକୁ ବତାଇ ଦିଆଯାଇପାରେ। ସେଥିଯୋଗୁ ଡରିବାର ଆବଶ୍ୟକ ନାହିଁ। ଇଂଟିଗ୍ରେସନ୍‌ର ଅର୍ଥ ହେଉଛି ଏହା କି ଉଚ୍ଚତମ ଚରିତ୍ରକୁ ପରିପ୍ରକାଶ କରି ଇସ୍‌ଲାମୀୟ ଶିକ୍ଷାକୁ ସ୍ପଷ୍ଟ କରାଯାଉ।

ସେ ଯାହାହେଉ ମୁଁ ଏବେ ଆଉଜଣେ ଅତିଥିଙ୍କ ବିଷୟରେ ଚର୍ଚ୍ଚା କରୁଅଛି। ସେ ଗୋଟିଏ ସ୍କୁଲ୍‌ର ଶିକ୍ଷକ ଅଛନ୍ତି। ସେ କହୁଛନ୍ତି ଯେ ମୋତେ ଏଠାରେ ପ୍ରଥମ ଥର ପାଇଁ ଜମାତ୍‌ର ପରିଚୟ ମିଳିଲା ଓ ଏଠାରେ ବହୁତ ସୁନ୍ଦର ବ୍ୟବସ୍ଥା କରାଯାଇଥିଲା। ଖଲିଫା ଯେଉଁ କଥା ବର୍ଣ୍ଣନା କଲେ ତାହା ମୋତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଲାଗିଲା ଯେ ଭାଇଚାରା ପ୍ରତିଷ୍ଠା କରିବା ପାଇଁ ଜୋର୍ ଦିଆଯାଉ ଏବଂ ଅନ୍ୟ ଧର୍ମ ଓ ଲୋକମାନଙ୍କ ସହିତ ଓ ସେହିପରି ସମଗ୍ର ମାନବଜାତି ସହିତ ସଦ୍ ବ୍ୟବହାର କରାଯାଉ। ଏହା ଆଜିକାଲିର ସମାଜରେ ବହୁତ କମ୍ ହୋଇଯାଇଛି ଓ ଅନ୍ୟଧର୍ମର ଲୋକମାନେ ଏକଥାକୁ ଭୁଲି ଯାଉଛନ୍ତି। କିନ୍ତୁ ଆପଣମାନେ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ଏବେ ମୁଁ ଆପଣଙ୍କ ମସ୍‌ଜିଦ୍ ଭିତରକୁ ନିଶ୍ଚିତ ରୂପେ ଯିବି ଓ ମୋ ମନ ଭିତରେ ଓ ମୁଣ୍ଡ ଭିତରେ ଯେଉଁ ସବୁ ପ୍ରଶ୍ନ ସୃଷ୍ଟି ହେଉଅଛି ସେ ସବୁର ସମାଧାନ କରାଇବି।

ଜଣେ ସ୍ଥାନୀୟ ଡାକ୍ତରଖାନାର ଡାକ୍ତର ସାହେବ୍ କହୁଛନ୍ତି ଯେ ଧର୍ମୀୟ ସଂଗଠନ ମାନଙ୍କଠାରୁ ଯଦି ଏହିଭଳି ଶିକ୍ଷା ମିଳେ ଯାହାର ପରିପ୍ରକାଶ ଆଜି ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ଅଭିଭାଷଣରେ ହୋଇଅଛି ତେବେ ସମାଜରେ ମାନବିକ ଅଧିକାର ଓ ମାନବିକ ସମ୍ମାନ ପ୍ରତିଷ୍ଠା ହୋଇପାରିବ। ଚର୍ଚ୍ଚ୍‌କୁ ମଧ୍ୟ ଏହି ଦୃଷ୍ଟିକୋଣ ସର୍ବସାଧାରଣ କରିବାକୁ ହେବ। ଏବେ ଚର୍ଚ୍ଚ୍ ବହୁତ ଗୁଡିଏ ପ୍ରଶ୍ନରୁ ଆଖି ଲୁଚାଉଛି। ହଜୁର୍ କହୁଛନ୍ତି ଏହି ବ୍ୟକ୍ତି ଜଣକ ହେଉଛନ୍ତି ଜଣେ ଇସାଇ। ସେ କହୁଛନ୍ତି ଯେ ଏବେ ଚର୍ଚ୍ଚ ବହୁତ ଗୁଡିକ ପ୍ରଶ୍ନରୁ ଆଖି ଚୋରାଉଛି। ଯେବେ କି ଜମାତ୍ ଅହେମଦୀୟାର ଇମାନ୍ ଯଥାସମ୍ଭବ ପ୍ରଶ୍ନ ଓ ଅଭିଯୋଗ ଗୁଡିକୁ ଅନେକ ପାର୍ଶ୍ୱରୁ ଉତର ଦେଉଛନ୍ତି ଓ ଲିଡର୍ ହୋଇ ଇସ୍‌ଲାମ୍‌ର ଦୃଷ୍ଟିକୋଣକୁ ପ୍ରତିପାଦନ କରିଛନ୍ତି। ପୁଣି ସେ କହୁଛନ୍ତି ଯେ ବହୁତ ଖୁସି ଲାଗୁଛି ଯେ ଇମାମ୍‌ଙ୍କ ପ୍ରତ୍ୟେକ ଦୃଷ୍ଟିକୋଣ, ସ୍ପଷ୍ଟୀକରଣ ଏବଂ ବ୍ୟାଖ୍ୟା ମାନବ ସମାଜକୁ ଶାନ୍ତି, ସୁଲାହ୍ ଓ ପ୍ରେମ ଆଡକୁ ନେଇଯାଉଅଛି।

ପୁଣି ଜଣେ ମହିଳା ଅତିଥି ହାଇକି ବ୍ରାଡର୍ ସାହିବା କହୁଛନ୍ତି ଯେ ଆପଣ ଏକଥା ବତାଇବେ ଯେ ଖୁଦା ହେଉଛନ୍ତି ସାରା ସଂସାରର ପାଳନକର୍ତ୍ତା ଓ ଏହା ଇଶ୍ୱରଙ୍କର ଏପରି ବ୍ୟାପକ ପରିକଳ୍ପନା ଯାହା ମୋ ପାଇଁ ଅତ୍ୟନ୍ତ ଆଗ୍ରହର ବିଷୟବସ୍ତୁ ଥିଲା ଓ ଆଶ୍ଚର୍ଯ୍ୟର କଥା ହେଉଛି ଏହା ଯେ ଖୁଦା ହେଉଛନ୍ତି ଏକ ଓ ଅଦ୍ୱିତୀୟ ଓ ସେହି ଖୁଦା ସମସ୍ତ ଧର୍ମ, ସମସ୍ତ ମନୁଷ୍ୟ ଏବଂ ସମସ୍ତ ଜାତିର ଖୁଦା ଅଟନ୍ତି ଏବଂ ସମସ୍ତଙ୍କୁ ବିନା କୌଣସି ପାତର ଅନ୍ତରରେ ପାଳନ କରୁଛନ୍ତି। ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଓ ବୁଦ୍ଧିମାନ୍ ବ୍ୟକ୍ତିକୁ ତୌହିଦ୍ ଅର୍ଥାତ୍ ଏକେଶ୍ୱରବାଦକୁ ନମାନିବାର ଚାରା ନାହିଁ ଏବଂ ଏହା ସେମାନଙ୍କୁ ପାଇଁ ଜରୁରୀ ଅଟେ ଯେ ସେମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କୁ ମାନନ୍ତୁ ଯିଏ ହେଉଛନ୍ତି ସମସ୍ତ ଶକ୍ତିର ମାଲିକ ଏବଂ ଆଧାର ଓ ପ୍ରତ୍ୟେକ ଅହେମଦୀଙ୍କର ଏ ଦାୟିତ୍ୱ ଯେ ତୌହିଦ୍‌ର ଯେଉଁ ବାର୍ତ୍ତା ରହିଛି ତାହାକୁ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଂଚାନ୍ତୁ।

ଆଉଜଣେ ମହିଳା ଅତିଥି ବାଓ୍ୱର୍ ସାହିବା କହୁଛନ୍ତି ଯେ ଏହା ମୋ ପାଇଁ ବହୁତ ବଡ ସମ୍ମାନର ବିଷୟ ଥିଲା ଯେ ମୁଁ ଗୋଟିଏ ଏପରି ବୈଭବପୂର୍ଣ୍ଣ ସଭାରେ ସାମିଲ୍ ହୋଇପାରିଛି। କିଛିଟା ସଂଶୟ ଓ ଭୁଲ୍ ବୁଝାମଣା ଯାହା ମୋ ମନ ଭିତରେ ଥିଲା ତାହାକୁ ଜମାତ୍ ଅହେମଦୀୟାର ଇମାମ୍ ନିଜର ସ୍ପଷ୍ଟ ମତ ଓ ଇସ୍‌ଲାମୀୟ ଶିକ୍ଷାର ବାସ୍ତବିକ ବ୍ୟାଖ୍ୟା ଦ୍ୱାରା ଦୂର କରିଦେଇଛନ୍ତି। ଏବେ ମୋ ଉପରେ ବହୁତ କିଛି ସ୍ପଷ୍ଟ ହୋଇସାରିଛି।

ଆଉଜଣେ ଅତିଥି କହୁଛନ୍ତି କି ଶାନ୍ତିପ୍ରତିଷ୍ଠା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ବର୍ଣ୍ଣନା କରାଗଲା ତାହା ହେଉଛି ଏହା କି ଅନ୍ୟର ସମ୍ମାନକୁ ଆଖି ଆଗରେ ରଖିବା ଉଚିତ୍। ମୁଁ ଏକଥା ଜାଣିଥିଲି ଯେ ଇସ୍‌ଲାମ୍‌ରେ ବିଭିନ୍ନ ଫିର୍‌କା ଅଛନ୍ତି କିନ୍ତୁ ଏ ଜମାତ୍ ବିଷୟରେ କିଛି ମୋତେ ଜଣାନଥିଲା ଯେ ଏହା ଏତେ ଶାନ୍ତିପ୍ରିୟ ଜମାତ୍ ବୋଲି।

ପୁଣି ଜଣେ ଅତିଥି ମୁକ୍ତାରି ସାହେବ୍ ଯିଏ ୟୁଜ୍‌ବାଦନ୍ ସହରରେ ପୋଲିସ୍ ଅଛନ୍ତି ସେ କହୁଛନ୍ତି ଯେ ଆଜିର ଏହି ପ୍ରୋଗ୍ରାମ୍ ଏକଥା ସ୍ପଷ୍ଟ କରିଦେଉଥିଲା ଯେ ମୁସଲ୍‌ମାନ୍ ନିଜର ଆଉ ଏକ ସ୍ୱରୂପକୁ ଦେଖାଇବାକୁ ଚାହୁଁଛନ୍ତି ଯେ ଇସ୍‌ଲାମ୍ ବାସ୍ତବରେ ଏକ ଶାନ୍ତିପ୍ରିୟ ଧର୍ମ ଅଟେ। ଖଲିଫା ଯେଉଁ କଥା କହିଲେ ଯେ ଆଫ୍ରିକାରେ ମଧ୍ୟ ଆପଣମାନେ ବିଭିନ୍ନ ପ୍ରକାରର ପ୍ରୋଜେକ୍ଟ କାର୍ଯ୍ୟ କରୁଛନ୍ତି ଏହା ମୋତେ ବହୁତ ଭଲ ଲାଗିଲା।

ପୁଣି ଫୁଲ୍‌ଡାଠାରେ ମସ୍‌ଜିଦ୍ ବଇତୁଲ୍ ହମିଦ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେଲା। ଏହି ଉତ୍ସବରେ ମଧ୍ୟ ୩୩୦ଜଣ ଅତିଥି ସାମିଲ୍ ହୋଇଥିଲେ ଓ ସେଠିକାର ଲର୍ଡ୍ ମେୟର୍ ତ ଆସିଥିଲେ କିନ୍ତୁ ଲର୍ଡ୍ ମେୟର୍ କେବଳ ବାହାରେ ସ୍ୱାଗତ ଜଣାଇ ଚାଲିଯାଇଥିଲେ। ଅନ୍ୟ ଇଲାକା ଗୁଡିକରୁ ମଧ୍ୟ ମେୟର୍‌ମାନେ ଆସିଥିଲେ। କାଉନ୍‌ସିଲ୍‌ର ସଦସ୍ୟମାନେ, ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଏବଂ ବିଭିନ୍ନ ପାର୍ଟିର ଚେୟାର୍‌ମ୍ୟାନ୍‌ମାନେ ମଧ୍ୟ ଆସିଥିଲେ। ସେହିପରି ସେଠାରେ ଗୋଟିଏ ରାଉଣ୍ଡ୍ ଟେବୁଲ୍ ରିଲିଜିୟସ୍ କନ୍‌ଫରେନ୍‌ସ୍ ରହିଛି, ରାଉଣ୍ଡ୍ ଟେବୁଲ୍ ଏକ କମିଟି ରହିଛି। ତାହାର ଚେୟାର୍‌ମ୍ୟାନ୍ ମଧ୍ୟ ସେଠାକୁ ଆସିଥିଲେ। ଫୁଲ୍‌ଡାଠାରେ ସାଧାରଣତଃ ମୁସଲ୍‌ମାନ ମାନଙ୍କ ବିରୋଧରେ ବହୁମାତ୍ରାରେ ଶଙ୍କା ଓ ସନ୍ଦେହ ମିଳିଥାଏ ବରଂ ସେଠାରେ ବିରୋଧ ମଧ୍ୟ କରାଯାଇଥାଏ। ଏହା ଇସାଇ ମାନଙ୍କର ଏକ ପୁରୁଣା ଗଡ ଓ ନିଜର ପ୍ରଥାକୁ କାଏମ୍ ରଖିବାର ସହର ଅଟେ। ଅତି କମ୍‌ରେ ଚର୍ଚ୍ଚ୍ ଏକଥା ଚାହିଁଥାଏ ଯେ ପ୍ରଥାଗୁଡିକୁ କାଏମ୍ ରଖାଯାଉ। କିନ୍ତୁ ସେଠାର ମଧ୍ୟ ଲୋକମାନେ ଇସାୟିୟତ୍‌ରୁ ବହୁତ ଦୂରକୁ ଦୂର ଚାଲିଯାଉଛନ୍ତି। ସେ ଯାହା ହେଉ ସେମାନଙ୍କ ଭୟ ଯୋଗୁ ସବୁ ଚର୍ଚ୍ଚର ପ୍ରତିନିଧିମାନେ ତ ଆସିଲେ ନାହିଁ ଓ କିଛି ରାଜନୈତିଜ୍ଞମାନେ ମଧ୍ୟ ଆସିଲେ ନାହିଁ। ସେହିପରି ଲର୍ଡ ମେୟର୍ ମଧ୍ୟ ବସି ରହିଲେ। ସେ ଏକଥା କହିଲେ ଯେ ମୁଁ ଭାଷଣ ଦେବିନାହିଁ। ସ୍ୱାଗତ ଜଣାଇବି କିନ୍ତୁ ସେ ଯାହାହେଉ ସେହି ଭୟ ଯୋଗୁ ସେ ଷ୍ଟେଜ୍

ଉପରେ ବସିଲେ ନାହିଁ । କାରଣ ଏହାଦ୍ୱାରା ଲୋକମାନେ ତାଙ୍କର ବିରୋଧ କରିବେ । ସେହି ଉତ୍ସବରେ ଯୋଗ ଦେଇଥିବା ଅତିଥିମାନଙ୍କ ମଧ୍ୟରୁ କେତେକଙ୍କ ମନୋଭାବ ନିମ୍ନରେ ଦିଆଯାଉଛି ।

ହାଲାର୍ଡ୍ ନାମକ ଜଣେ ଅତିଥି ନିଜର ଭାଷଣରେ କହିଲେ ଯେ ଆମମାନଙ୍କ ମଧ୍ୟରେ ଯାହାକିଛି ସମାନତା ରହିଛି ତା ଉପରେ ଆମ ସମସ୍ତଙ୍କୁ ଏକତ୍ରିତ ହେବା ଉଚିତ୍ ଏବଂ ଏହାଦ୍ୱାରା ଆପୋଷ ଐକ୍ୟ ମନୋଭାବ ଓ ବିଶ୍ୱଶାନ୍ତିର ମୂଳଦୁଆ ପଡିବ । ସେ ପୁଣି କହୁଛନ୍ତି ଯେ ଯେଉଁ ଶୈଳୀ ଏଠାରେ ବତାଇ ଦିଆଗଲା । ଏହି କାର୍ଯ୍ୟଶୈଳୀ ବର୍ତ୍ତମାନ ପୃଥିବୀରେ ଅତ୍ୟନ୍ତ ଅନକରଣୀୟ ଯୋଗ୍ୟ ଲାଗୁଛି ଓ ପୃଥିବୀରେ ଏହାର ବର୍ତ୍ତମାନ ଅତ୍ୟନ୍ତ ଆବଶ୍ୟକତା ଅଛି । ପୁଣି ସେ କହୁଛନ୍ତି ଯେ ମୁଁ ଜାଣିସାରିଛି ଯେ ଏହା ପୂର୍ବରୁ ଆମକୁ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ଯାହା କିଛି ଜ୍ଞାନ ମିଳିଥିଲା ତାହା ଇସ୍‌ଲାମ୍‌ର ସଠିକ୍ ଛବିକୁ ଉପସ୍ଥାପନ କରୁନାହିଁ । ସେଥିପାଇଁ ଆଜିର ଏହି ସନ୍ଧ୍ୟାଟି ମୋ ପାଇଁ ଏକ ସକରାତ୍ମକ ଓ ଶାନ୍ତିର ବାର୍ତ୍ତା ନେଇ ଆସିଛି ।

ଆଉଜଣେ ଅତିଥି ଯିଏ ସେଠିକାର ଗୋଟିଏ ସ୍କୁଲ୍‌ରେ ଶିକ୍ଷକ ଅଛନ୍ତି ସେ କହୁଛନ୍ତି ଯେ ଯେଉଁ ଭାଷଣ ଏଠାରେ ଦିଆଗଲା ଏହାକୁ ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କୁ ଶୁଣାଇ ପଚାରିବା ଉଚିତ୍ ଯେ ଆପଣମାନେ ଏଥିରୁ କ'ଣ ବୁଝିଲେ ଓ ଆପଣମାନଙ୍କ ମତରେ ଏହି ସୁନ୍ଦର ଶିକ୍ଷା କେଉଁ ଧର୍ମର ହୋଇପାରିଥିବ? ସେ କହୁଛନ୍ତି ଅତି କମ୍‌ରେ ମୋତେ ଏହାର ଅଡିଓ ଭିଡିଓ ରେକର୍ଡିଂ ନିଶ୍ଚିତ ରୂପେ ଆପଣମାନେ ଯୋଗାଇ ଦିଅନ୍ତୁ, ଯଦ୍ୱାରା ମୁଁ ନିଜ ସ୍କୁଲ୍‌ରୁ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଆଜିକାର ଏହି ସନ୍ଧ୍ୟାର ପରିସ୍ଥିତିକୁ ବାଂଟିପାରିବି ।

ନିକଟରେ ଥିବା ଗୋଟିଏ ସହରର ମେୟର୍ କହୁଛନ୍ତି ଯେ ଜମାତ୍ ଅହେମଦୀୟାର ଇମାମ୍ ଦ୍ୱିପାକ୍ଷିକ ସଂଶୟ ଏବଂ ସମ୍ପର୍କର ଅନୁଶୀଳନ ମଧ୍ୟ ଉପସ୍ଥାପନ କଲେ ଏବଂ ସମାଜ ମଧ୍ୟରେ ଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ମଧ୍ୟ ଆପୋଷ ମନୋମାଳିନ୍ୟତାକୁ ମଧ୍ୟ ଖୋଲିକରି ବତାଇଦେଲେ ଏବଂ ଖୋଲାଖୋଲି ଶବ୍ଦରେ ଏ ସବୁ କଥାକୁ ଚିହ୍ନିତ ମଧ୍ୟ କରାଇଦେଲେ ଯେ ଯାହା ସମାଜର ଶାନ୍ତିକୁ ଭଙ୍ଗ କରୁଅଛି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ କୌଣସି ସଂଗଠନ, ଫିର୍‌କା ବା ଗୋଷ୍ଠୀର ଆତ୍ମସମ୍ମାନ ଉପରେ ଅଙ୍ଗୁଳି ଉଠାଇଲେ ନାହିଁ । ବରଂ ସମଗ୍ର ମାନବଜାତି ଓ ଆନ୍ତର୍ଜାତୀୟ ମାନବିକ ଅଧିକାର ପ୍ରସଙ୍ଗରେ Food for Thought ରଙ୍ଗରେ କଥା କହିଗଲେ ।

ସେଠିକାର ଜଣେ ଡାକ୍ତର ଯାହାଙ୍କ ନାମ ହେଉଛି କୋହ୍‌ଲର୍ । ସେ କହୁଛନ୍ତି ଯେ ମୋତେ ଏକଥା ବହୁତ ପ୍ରଭାବିତ କଲା ଯେ ଆପଣମାନେ କେତେ ଖୋଲା ହୃଦୟର ଅଟନ୍ତି ଓ ଏହି ସୁଗୁଣ ଯୋଗୁ ଆପଣଙ୍କ ଖଲିଫା ଏ ଉପଦେଶ ଦେଉଥିଲେ ଯେ ମାନବିକ ଅଧିକାର ଓ ମାନବିକ ସମ୍ମାନକୁ ସ୍ଥାପନ କରିବା ପାଇଁ ନିଜର ହୃଦୟକୁ ଖୋଲିବାକୁ ପଡିବ ଓ ସଂଶୟକୁ ଦୂର କରିବାକୁ ହେବ । ପୁଣି କହୁଛନ୍ତି ଯେ ମୁଁ ମଧ୍ୟ ମୋ ଡାକ୍ତରଖାନାରେ ଚେଷ୍ଟା କରିଥାଏ ଯେ ଧର୍ମ ଧର୍ମ ମଧ୍ୟରେ ସଦ୍‌ଭାବନା ବଢୁ ଓ ଲୋକମାନଙ୍କୁ ଆଧ୍ୟାତ୍ମିକତାରୁ ଶାନ୍ତି ମିଳୁ । ଏହି ଶାନ୍ତି ଓ ସୌହାର୍ଦ୍ଦ୍ୟ ମୋତେ ଆଜିର ଏହି ଉତ୍ସବରେ ଦେଖିବାକୁ ମିଳିଲା । ମୁଁ ବହୁତ ଖୁସି ଅଛି ଯେ ମୋତେ ଏଠାରେ ସାମିଲ୍ ହେବା ପାଇଁ ଅବସର ମିଳିଲା ।

ପୁଣି ବର୍‌ଲିନ୍‌ରେ ଯେଉଁ ସଭାର ଆୟୋଜନ ହୋଇଥିବା କଥା ମୁଁ କହିଥିଲି ସେଠାରେ ଇସ୍‌ଲାମ୍ ଆଣ୍ଡ୍ ୟୁରୋପ୍ ବିଷୟବସ୍ତୁ ଉପରେ ଭାଷଣ ଥିଲା ଏବଂ ସିଭିଲାଇଜେସନ୍ ଏବଂ କଲ୍‌ଚର୍ ମଧ୍ୟରେ ତୁଳନାତ୍ମକ ଅଭିଭାଷଣ ଥିଲା । ସେଥିରେ ୨୭ଜଣ ଜାତୀୟ ଆସେମ୍ବଲିର ସଦସ୍ୟ ସାମିଲ୍ ହୋଇଥିଲେ, ବୈଦେଶିକ ମନ୍ତ୍ରାଳୟରୁ ୩ଜଣ ପ୍ରତିନିଧି ଯୋଗ ଦେଇଥିଲେ ଓ ସେମାନଙ୍କ ମଧ୍ୟରେ ଧର୍ମ ଓ ରାଜନିତୀର ଡିରେକ୍ଟର୍‌ମାନେ ମଧ୍ୟ ସାମିଲ୍ ଥିଲେ, ୫ଜଣ ପ୍ରଫେସର୍ ସାମିଲ୍ ହୋଇଥିଲେ । ସେମାନଙ୍କ ମଧ୍ୟରେ ବର୍‌ଲିନ୍ ୟୁନିଭର୍‌ସିଟିର ଉପସଭାପତି ଏବଂ ଜର୍ମାନୀରେ ମଧ୍ୟ ପ୍ରାଚ୍ୟ ପ୍ରସଙ୍ଗରେ ବର୍ତ୍ତମାନ ସାର୍ଟିଫିକେଟ୍ ପାଇଥିବା ପ୍ରଫେସର୍ ଷ୍ଟାଏନ୍‌ବାକ୍ ମଧ୍ୟ ସାମିଲ୍ ଥିଲେ ଓ ଏତଦ୍‌ବ୍ୟତୀତ ୟୁ.ଏସ୍.ଏ ଏବଂ ଫ୍ରାନ୍ସ୍ ଆମ୍ବାସିର ପଲିଟିକାଲ୍ ଅଫିସର୍‌ମାନେ, ସରକାରଙ୍କ ବିଭିନ୍ନ ପ୍ରତିନିଧି, ବିଭିନ୍ନ ଧର୍ମ, ଚର୍ଚ୍ଚ୍ ଏବଂ କମ୍ୟୁନିଟିର ପ୍ରତିନିଧିମାନେ ସାମିଲ୍ ଥିଲେ । ସେହିପରି ପ୍ରେସ୍ ଆଣ୍ଡ୍ ମିଡିଆର ପ୍ରତିନିଧି ମଧ୍ୟ ସାମିଲ୍ ଥିଲେ ଏବଂ ଇମାନ୍‌ଷ୍ଟି ଇଂଟର୍ ନ୍ୟାସ୍‌ନାଲ୍‌ର ପ୍ରତିନିଧି ମଧ୍ୟ ସାମିଲ୍ ହୋଇଥିଲେ ।

ଆଲେକ୍‌ଜାଣ୍ଡାର୍ ସାହେବ୍ ଯିଏ ପାର୍ଲିଆମେଂଟ୍‌ର ଜଣେ ସଦସ୍ୟ ଅଛନ୍ତି ସେ କହୁଛନ୍ତି ଯେ ଯେଉଁ ଶାନ୍ତି ଓ ସଦ୍‌ଭାବନାର ଆପଣ ଏଠାରେ ବାର୍ତ୍ତା ପ୍ରଦାନ କରିଛନ୍ତି ତାହାର ସ୍ରୋତ ପବିତ୍ର କୁର୍‌ଆନ୍ ଥିଲା ଏବଂ ନିଜ ଆସ୍ଥାକୁ ସମର୍ଥନ ପବିତ୍ର କୋରାନ୍ ଓ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ନିତୀବାଣୀରୁ କଲେ । ଯଦିଚ ଏହି ବିଷୟଟି ସମ୍ପୂର୍ଣ୍ଣ ରୂପେ ନୂତନ ଥିଲା ଏବଂ ବର୍ତ୍ତମାନ ଯୁଗ ମୁତାବକ ଥିଲା କିନ୍ତୁ ଖଲିଫା ନିଜର ବିଶ୍ୱାସକୁ ପୁରାତନ ଇସ୍‌ଲାମୀୟ ସ୍ରୋତରୁ ସମର୍ଥନ କରାଇ ପ୍ରମାଣ କଲେ ଯେ ଇସ୍‌ଲାମ୍ ଏବଂ କୁର୍‌ଆନ୍ ଧର୍ମର ମୂଳଦୁଆ ପ୍ରାରମ୍ଭିକ ଯୁଗରୁ ହିଁ ମନୁଷ୍ୟର ସହାନୁଭୁତି ଏବଂ ମାନବଜାତି ନିମନ୍ତେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଶିକ୍ଷା ଉପରେ ରଖାଯାଇଛି । ମୋ ମତରେ ଏହି ଭାଷଣକୁ ବ୍ୟାପକ ରୂପେ ପ୍ରଚାର ପ୍ରସାର ହେବା ଉଚିତ୍ । ଯଦ୍ୱାରା ପ୍ରାଶ୍ଚାତ୍ୟ ଦେଶ ଗୁଡିକରେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଗୁଡିକ ସାଧାରଣ ଲୋକମାନେ ମଧ୍ୟ ଜାଣିପାରିବେ ।

ପୁଣି ନିଲ୍ ଅନେନ୍ ସାହେବ୍ ଯିଏ ଦେଶର ଜଣେ ମନ୍ତ୍ରୀ ଅଛନ୍ତି । ସେ କହୁଛନ୍ତି ଯେ ଯେଉଁ ପ୍ରକାର ବ୍ୟାଖ୍ୟା କରି ସ୍ୱଷ୍ଟଭାବେ ଅନୁଶୀଳନ କରି ତୁଳନାତ୍ମକ ଭାବ ଜମାତ୍ ଅହେମଦୀୟାର ଇମାମ୍ ଇସ୍‌ଲାମ୍ ଅହେମଦୀୟତ୍ ଏବଂ ମୋଟାମୋଟି ଭାବେ ସମସ୍ତ ଧର୍ମର ପରିଚୟ ପ୍ରଦାନ କଲେ ଏବଂ ଧର୍ମର ସାମାଜିକ ଅବଧାନକୁ ସ୍ୱଷ୍ଟ କଲେ, ତାକୁ ବୁଝିବା ପରେ ମୁଁ ଅନୁଭବ କରୁଛି ଯେ ଜମାତ୍ ଅହେମଦୀୟାର ମାନବିକ ଅଧିକାରର ସୁରକ୍ଷା ନିମନ୍ତେ ସ୍ୱର ଉତଳନ କରିବା କୌଣସି ଏକ ଧର୍ମ ବା ଫିର୍କାକୁ ସାହାଯ୍ୟ କରିବା ପାଇଁ ନୁହେଁ ବରଂ ସାମୂହିକ ଓ ଆନ୍ତର୍ଜାତୀୟ ସ୍ତରରେ ମାନବିକ ଅଧିକାର ଓ ମାନବିକ ସମ୍ମାନକୁ ସୁରକ୍ଷା ଦେବାପାଇଁ ଏକ ଚେଷ୍ଟା ।

ପୁଣି କ୍ରିଷ୍ଟୋଫ୍ ଷ୍ଟ୍ରାକ୍ ସାହେବ୍ କହୁଛନ୍ତି:- ମୁଁ ମୋ ଜୀବନରେ ବୋଧହୁଏ କେବେ କେଉଁଠି ଏପରି ପ୍ରୋଗ୍ରାମ୍ ଦେଖିଥିବି ବା ସାମିଲ୍ ହୋଇଥିବି ଯେ ଯାହାକୁ ମୁସଲ୍‌ମାନ୍‌ମାନେ ଅନୁଷ୍ଠିତ କରୁଥିବେ ଓ ସେଠିକାର ସାମୂହିକ ପରିବେଶ ଏପରି ଶାନ୍ତିପୂର୍ଣ୍ଣ ହୋଇଥିବ ଏବଂ ସେଥିରେ ବାର୍ତ୍ତାଳାପ କରାଯାଇଥିବା କଥନ ଗୁଡିକ ଏତେ ବୌଦ୍ଧିକ ଓ ଯୁକ୍ତିଯୁକ୍ତ ହୋଇଥିବ । ମୋତେ ଖୁସି ଲାଗୁଛି ଯେ କାହାର ଦୃଷ୍ଟି ତ ବାହ୍ୟ ସଭ୍ୟତା ଓ ସଂସ୍କୃତି ଏବଂ ସାମାଜିକ ଉନ୍ନତି ଭିତରେ ଲୁଚି ରହିଥିବା ମତଭେଦକୁ ତ ଦେଖିପାରୁଛି । କହୁଛନ୍ତି ଯେ ସେଥିରେ ଆପଣ ଖୋଲାଖୋଲିଭାବେ ମଣିଷ ଜାତିର ମୁଣ୍ଡ ଉପରେ ଘୁରି ବୁଲୁଥିବା ଆଣବିକ ଯୁଦ୍ଧର ବିପଦ ସମ୍ବନ୍ଧରେ ମଧ୍ୟ ଖୋଲାଖୋଲି ଭାବେ ଖବରଦାର୍ କଲେ ।

ପୁଣି କ୍ରିଷ୍ଟାଇନ୍ ବୋଶଲଜ୍ ସାହିବା ଯିଏ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମଧ୍ୟ ଅଛନ୍ତି ସେ କହୁଛନ୍ତି ଯେ ଜମାତ୍ ଅହେମଦୀୟାର ଇମାମ୍ ବର୍ତ୍ତମାନର ସମ ସାମୟିକ ପରିସ୍ଥିତିକୁ ଉପରେ ସମ୍ପୂର୍ଣ୍ଣ ରୂପେ ଅନୁଭବ କରିଛନ୍ତି ଏବଂ ଯେହେତୁ ତାଙ୍କର ମତ ବିଲ୍‌କୁଲ୍ ଠିକ୍ ଅଛି ସେଥିପାଇଁ ତାଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଉପଚାର ଯୋଗୁ ସମାଜରେ ଥିବା ଅଶାନ୍ତି ବହୁମାତ୍ରାରେ ଏବଂ ବହୁଦିନ ପାଇଁ ଚାଲିଯିବ ।

ପୁଣି ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଜାକ୍‌ଲିନ୍ ସାହିବା କହୁଛନ୍ତି ଯେ ଜମାତ୍ ଅହେମଦୀୟାର ଇମାମ୍ ନିଜର ସିଦ୍ଧାନ୍ତକୁ ସବୁ କ୍ଷେତ୍ରରୁ ଓ ପ୍ରତ୍ୟେକ ପାର୍ଶ୍ୱରୁ ସ୍ୱଷ୍ଟ କରିଦେଇଛନ୍ତି ଏବଂ କୌଣସି ପ୍ରକାରର ସନ୍ଦେହ ରହିବାକୁ ଦେଲେନାହିଁ । ସେ ପୁଣି କହୁଛନ୍ତି ମୋତେ ହଜୁର୍‌ଙ୍କର ଗୋଟିଏ ଗୋଟିଏ ଶବ୍ଦ ସହିତ ସହମତି ରହିଛି ।

ଆଉଜଣେ ପ୍ରଫେସର୍ ହେରିବଟ୍, ରାଇଟ୍ କହୁଛନ୍ତି ଯେ, ଆପଣମାନେ ଜମାତ୍‌କୁ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର କରି ଜମାତ୍ ଅହେମଦୀୟାକୁ ଅନ୍ୟାନ୍ୟ ଧର୍ମୀୟ ସମ୍ପ୍ରଦାୟଠାରୁ ଏକ ଅଲଗା ସ୍ଥାନରେ ନେଇ ଛିଡା କରିଦେଇଛ । ଯେଉଁ ଜମାତ୍‌ର ସଦସ୍ୟମାନେ ଶିକ୍ଷା ଉପରେ ଏତେ ମାତ୍ରାରେ ଧ୍ୟାନ ଦେବେ ସେମାନଙ୍କର ଲକ୍ଷସ୍ଥଳ ହେଉଛି ଏହା ଯେ ସେମାନେ ନେତୃତ୍ୱ ନେବେ ନା କି ଅନ୍ଧ ଅନୁସରଣ ।

ପୁଣି ଜଣେ ପାର୍ଲିଆମେଂଟ୍‌ର ମେମ୍ବର୍ ଏକ୍‌ସେଲ୍ ସାହେବ୍ କହୁଛନ୍ତି ଯେ ଏହି ଭାଷଣକୁ ମୁଁ ଯାଇ ପୁନର୍ବାର ପଢ଼ିବି ଓ ଯେଉଁ ପର୍ଯ୍ୟନ୍ତ ମୋର ପରିଚୟ ରହିଛି ଏହାକୁ ଆଗେ ମୁଁ ସେମାନଙ୍କ ନିକଟରେ ବର୍ଣ୍ଣନା କରିବି ।

ପୁଣି ସେବାଇନ୍ ଲିଡଗ୍ ସାହିବା କହୁଛନ୍ତି ମୋର ସମ୍ବନ୍ଧ କୌଣସି ଧର୍ମ ସହିତ ନାହିଁ କିନ୍ତୁ ଜମାତ୍ ଅହେମଦୀୟାର ଇମାମ୍ ଗୋଟିଏ ଧର୍ମର ନେତା ହିସାବରେ ଆସନ୍ତା ପିଢ଼ୀର ପିଡାକୁ ଯେଉଁଭଳି ସମୟ ପୂର୍ବରୁ ଅନୁଭବ କରି ଆଜିକାର ଲିଡର୍‌ସିପ୍‌କୁ ଖବର୍‌ଦାର୍ କଲେ ଏହା ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଛି ଓ ମୋର ଆନ୍ତରିକ ଇଚ୍ଛା ହେଉଛି ଏହା କି ଏହି ବାର୍ତ୍ତାଟି ସର୍ବସାଧାରଣ ହେଉ ଯଦ୍ୱାରା ଲୋକମାନଙ୍କର ସାମୁହିକ ଚେତନା ଏ ସମ୍ବନ୍ଧରେ ଜାଗ୍ରତ ହୋଇପାରିବ ଓ ଆସନ୍ତା ପିଢ଼ୀର ଦାୟିତ୍ୱବୋଧର ଜ୍ଞାନ ମିଳିପାରିବ ।

ପୁଣି ପ୍ରଫେସର୍ ଖ୍ରିଷ୍ଟୋଫ୍ ଗଲ୍‌ଟ୍‌ମ୍ୟାନ୍ ସାହେବ୍ କହୁଛନ୍ତି ଯେ ଏହି ପ୍ରୋଗ୍ରାମ୍ ମୋତେ ବହୁତ ଭଲ ଲାଗିଲା ଓ ଏହି ଅଭିଭାଷଣରୁ ମୋତେ ବହୁତ କିଛି ଶିଖିବାକୁ ମିଳିଲା । ବହୁତ ଗୁଡିଏ କୋରାନ୍‌ର ହାୱ୍ଲା ଗୁଡିକୁ ମୁଁ ସଙ୍ଗେ ସଙ୍ଗେ ନୋଟ୍ ମଧ୍ୟ କଲି ଯାହାକୁ ଭାଷଣରେ ବର୍ଣ୍ଣନା କରାଯାଇଥିଲା । ଏବେ ମୁଁ ଘରକୁ ଯାଇ ସେଗୁଡିକୁ ନିଶ୍ଚିତ ରୂପେ ପୁନର୍ବାର ପଢ଼ିବି ।

ପୁଣି ଜଣେ ଇସାଇ ଅତିଥି କହୁଛନ୍ତି ଯେ ଏହା ପୂର୍ବରୁ ମୁଁ କେବେ ମଧ୍ୟ ଏକଥା ଶୁଣିନଥିଲି ଯେ ଇସ୍‌ଲାମ୍ ଶାନ୍ତି ସ୍ଥାପନ କରିବା ପାଇଁ ଏତେ ଗୁରୁତ୍ୱ ଦେଉଅଛି । ଏକଥା ମୋତେ ବହୁତ ଖୁସି ଲାଗିଲା ଯେ ଇମାମ୍ ଜମାତ୍‌ଙ୍କ ଭାଷଣ ଆଜି ବିଭିନ୍ନ ରାଜନୈତିକ ପାର୍ଟିର ପ୍ରତିନିଧିମାନେ ଶୁଣିଛନ୍ତି । ସେହିପରି ୟୁହୁଦୀ, ରବାଇ ଏବଂ ଅନ୍ୟାନ୍ୟ ମୁସଲ୍‌ମାନ୍ ଫିର୍‌କାର ଲୋକମାନେ ମଧ୍ୟ ଏଠାରେ ମୋତେ ଦୃଷ୍ଟିଗୋଚର ହେଲେ ।

ପୁଣି ଜଣେ ଅତିଥି ବର୍ଣ୍ଣନା କରୁଛନ୍ତି ଯେ ଏହି ଭାଷଣରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ଦାୟିତ୍ୱ ନିର୍ବାହ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି ଯେ କିଭଳି ଶାନ୍ତି ସ୍ଥାପନ କରାଯାଇପାରେ । ବହୁତ ସହଜ ଶବ୍ଦରେ ସ୍ୱଷ୍ଟ କରିଦେଲେ ଯେ ସମଗ୍ର ମଣିଷ ଜାତିକୁ ଶାନ୍ତି ଓ ସ୍ନେହର ସହିତ ଏକାଠି ରହିବା ଉଚିତ୍ । ସେଥି ନିମନ୍ତେ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଜଣେ ଅନ୍ୟଜଣକୁ ସମ୍ମାନ ପ୍ରଦର୍ଶନ କରୁ । ଏକଥା ମଧ୍ୟ ସେ ବର୍ଣ୍ଣନା କଲେ ଯେ ଏ ପୃଥିବୀରେ ସବୁ ଜିନିଷ ବହୁ ମାତ୍ରାରେ ମହଜୁଦ୍ ରହିଛି । ଯଦି ତାକୁ ସଠିକ ରୂପେ ବ୍ୟବହାର କରାଯାଏ ତାହା ସମସ୍ତଙ୍କ ପାଇଁ ତାହା ଯଥେଷ୍ଟ ହେବ ।

ପୁଣି ଜଣେ ଅତିଥି କହୁଛନ୍ତି ଯେ ଖଲିଫା ବହୁତ ଗୁଡିଏ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ସର୍ବପ୍ରଥମେ ଯେଉଁକଥାର ଚର୍ଚ୍ଚା କଲେ ତାହା ହେଉଛି ଏହା କି ଆଜିକାଲିର ସମାଜରେ ଧର୍ମକୁ ଗୁରୁତ୍ୱ ଦିଆଯାଉନାହିଁ ଏବଂ ଧର୍ମକୁ ନକରାତ୍ମକ ଦୃଷ୍ଟିରେ ଦେଖାଯାଉଛି । ସେ ପୁଣି କହୁଛନ୍ତି ଯେ ମୁଁ ଜଣେ ଇସାଇ ଭାବେ ଏକଥାକୁ ଅନୁଭବ କରୁଅଛି । ଏତଦ୍‌ବ୍ୟତୀତ ଖଲିଫାଙ୍କର ଯେଉଁକଥା ମୋତେ ବହୁତ ଗୁରୁତ୍ୱପୂର୍ଣ୍ଣ ଲାଗିଲା ତାହା ହେଉଛି ତାଲିମ୍ ଓ ତର୍‌ବିୟତ୍ ଅର୍ଥାତ୍ ଶିକ୍ଷା ଓ ସଂସ୍କାରର ଗୁରୁତ୍ୱ । ଏ ସନ୍ଦର୍ଭରେ ଜମାତ୍ ଅହେମଦୀୟା ଏମିତି ତ ଏକ ଦୃଷ୍ଟାନ୍ତ କାରଣ ଯେତେବେଳେ ମନୁଷ୍ୟ ଜ୍ଞାନ ରଖେ ଯେ ତାଙ୍କର ପବିତ୍ର ପୁସ୍ତକ କ'ଣ ଶିକ୍ଷା ଦେଉଅଛି ସେତେବେଳେ ପୁଣି ବହୁତ ଗୁଡିଏ ଅସୁବିଧାରୁ ଆମେ ବଂଚିପାରିବା ସୁତରାଂ ଏହା ଆଜି ଅହେମଦୀ ଯୁବକମାନଙ୍କର ମଧ୍ୟ ଦାୟିତ୍ୱ ଯେ ବିଶେଷ ରୂପେ ପବିତ୍ର କୋରାନ୍‌କୁ ପଢ଼ନ୍ତୁ ଓ ବୁଝନ୍ତୁ । ଯଦ୍‌ଵରା ସେମାନଙ୍କୁ ବୁଝାଯାଇପାରିବ ଓ ଏହି ଲୋକମାନେ ପୁଣି ଏଥିପ୍ରତି ଚିନ୍ତା କରିବା ପାଇଁ ବାଧ୍ୟ ହେବେ ଓ

ଏହାର ହିକ୍‌ମତ୍‌କୁ ବୁଝିବେ । ଏହି ଶିକ୍ଷା ଉପରେ ପରିଚାଳିତ ହେବେ ଅଥବା ଏ ଶିକ୍ଷାକୁ ମାନିନେବେ ।

ପୁଣି ଇମେନ୍‌ଷ୍ଟି ଇଂଟର୍‌ନ୍ୟାସ୍‌ନାଲ୍‌ର ପ୍ରତିନିଧି କହୁଛନ୍ତି ଯେ ଯେଉଁ କଥା ଏଠାରେ ବର୍ଣ୍ଣନା କରାଗଲା । ତାହାକୁ ଶୁଣି ମୋ ହୃଦୟକୁ ବହୁତ ସନ୍ତୋଷ ଲାଭ ହେଲା ଏବଂ ନିଜର ଦ୍ୱିତୀୟ ଖଲିଫାଙ୍କ ସମ୍ବନ୍ଧରେ ସେ ସଭ୍ୟତା ଓ ସଂସ୍କୃତି ବିଷୟରେ ସଂଜ୍ଞା ବର୍ଣ୍ଣନା କରିଥିଲେ, ଦୁଇଟିଯାକର ଆପୋଷରେ ସମ୍ବନ୍ଧ ଥିବା ବିଷୟରେ ବତାଇଥିଲେ । ଏ ବିଷୟରେ ନୁଆ ଯୁଗର ଜ୍ଞାନୀ ଗୁଣି ଲୋକେ ଅସ୍ୱୀକାର କରିପାରିବେ ନାହିଁ । ପୁଣି ସେ କହୁଛନ୍ତି ଯେ ଖଲିଫା ପବିତ୍ର କୋରାନ୍‌ର ଆୟତ ଗୁଡିକୁ ବହୁତ ସୁନ୍ଦର ରୂପେ ବ୍ୟାଖ୍ୟା କରିଛନ୍ତି । ଏହା ହେଉଛି ସେହି ସବୁ ଆୟତ ଯାହାକୁ ଇସ୍‌ଲାମ୍‌କୁ ଘୃଣା କରୁଥିବା ଲୋକମାନେ ଅଲଗା ଭାବେ ଉପସ୍ଥାପନ କରୁଛନ୍ତି ।

ପୁଣି ଜଣେ ମହିଳା ନାହାଓ୍ୱାଣ୍ଡି ସାହିବା କହୁଛନ୍ତି:- ଏହି ଭାଷଣଟିକୁ ସମଗ୍ର ୟୁରୋପ୍‌ରେ ବ୍ୟାପକ ରୂପେ ପ୍ରକାଶ ହେଲେ ଇସ୍‌ଲାମ୍ ସମ୍ବନ୍ଧରେ ମିଳୁଥିବା ସଂଶୟ ଦୂର ହେବ ଓ ଏକତରଫା ନକରାତ୍ମକ ମନୋଭାବ ଦୂର ହୋଇପାରିବ ।

ପୁଣି ମସ୍‌ଜିଦ୍ ମେହେଦିଆବାଦ୍‌ର ଉଦ୍‌ଘାଟନ ଥିଲା । ସେଥିରେ ମଧ୍ୟ ଜର୍ମାନୀର ନ୍ୟାସ୍‌ନାଲ୍ ପାର୍ଲିଆମେଂଟ୍‌ର ସଦସ୍ୟମାନେ ଯୋଗ ଦେଇଥିଲେ, ସେ ଇଲାକାର ଲର୍ଡ୍ ମେୟର୍, ପ୍ରାଦେଶିକ ଆସେମ୍ବ୍‌ଲିର ମେମ୍ବର୍, ରାଜ୍ୟସଭାର ଡେପୁଟି ସ୍ପିକର୍, ଇଲାକାର ୫ଜଣ ମେୟର୍, ୫ଟି ଡିଷ୍ଟ୍ରିଟ୍ ପାର୍ଲିଆମେଂଟ୍‌ର ଚେୟାର୍‌ମ୍ୟାନ୍ ମଧ୍ୟ ଏହି ଉତ୍ସବରେ ଆସି ଯୋଗ ଦେଇଥିଲେ । ଏଥିରେ ଊଣା ଅଧିକେ ୧୭୦ଜଣ ଅତିଥି ଯୋଗ ଦେଇଥିଲେ ।

ଜଣେ ଅତିଥି ଯିଏ ଭାଇସ୍ ମେୟର୍ ଅଛନ୍ତି ଓ ଜଣେ ମହିଳା । ସେ କହୁଛନ୍ତି ଯେ ମୁଁ ଏଠାରୁ ଫେରିଯିବା ପରେ ନିଶ୍ଚିତ ରୂପେ ଖଲିଫାଙ୍କର କଥାକୁ ପ୍ରସାର କରିବି ଏବଂ ଯେବେ କୌଣସି ବ୍ୟକ୍ତି ଇସ୍‌ଲାମ୍ ଉପରେ ଆରୋପ ଲଗାଇବ ସେତେବେଳେ ମୁଁ ଖଲିଫାଙ୍କ କଥନକୁ ଉପସ୍ଥାପନ କରି ଇସ୍‌ଲାମ୍‌ର ପ୍ରତିରକ୍ଷା କରିବା ପାଇଁ ଚେଷ୍ଟା କରିବି । ଆଜି ଆପଣ ଆମ ଏହି ଅତିଥିମାନଙ୍କୁ ହିଁ ସମ୍ବୋଧନ କରିନାହାଁନ୍ତି ବରଂ ନିଜ ଜମାତ୍‌ର ସଦସ୍ୟମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ ଆପଣମାନେ ଏ ମସ୍‌ଜିଦ୍ ନିର୍ମାଣ ହେବା ପରେ ପୂର୍ବଠାରୁ ଅଧିକ ମାନବଜାତିର ସେବା କରିବେ ।

ପୁଣି ଜଣେ ମହିଳା ଅତିଥି ଆଞ୍ଜେଲିକା ସାହିବା କହୁଛନ୍ତି:- ଏହି ଭାଷଣରୁ ମୋତେ ଏହି ଶିକ୍ଷା ମିଳିଲା ଯେ ଆମକୁ ଏଥିପ୍ରତି ଚିନ୍ତା କରିବା ଉଚିତ୍ ହେବ ଯେ ଅନ୍ୟମାନଙ୍କ ସହିତ ଆମର ସବୁଦିନିଆ ବ୍ୟବହାର କିପରି ରହିଛି । ଆମକୁ ନିଜ ସାଙ୍ଗସାଥିମାନଙ୍କୁ ଓ ଅନ୍ୟ ଅପରିଚିତ ଲୋକମାନଙ୍କୁ ସାହାଯ୍ୟ କରିବା ଉଚିତ୍ ।

ପୁଣି ଜଣେ ଅତିଥି କହୁଛନ୍ତି ଯେ ଏଠାକୁ ଆସି ବହୁତ ଭଲ ଲାଗିଲା । ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶଙ୍କା ଓ ସଂଶୟ ଦୂର ହୋଇଗଲା ଓ ଯେଉଁଭଳି ସହିଷ୍ଣୁତା ଏବଂ ଭାଇଚାରାର ପାର୍ଶ୍ୱକୁ ବର୍ଣ୍ଣନା କରାଗଲା ତାହା ସବୁ ପ୍ରତ୍ୟେକ ଧର୍ମ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ପୁଣି ଜଣେ ଅତିଥି ଉଲୁଫ୍ ସାହେବ୍ ଯିଏ କନ୍‌ସଲ୍‌ଟାଂଟ୍ ଅଫ୍ ମିନିଷ୍ଟର୍ ପ୍ରେସିଡେଂଟ୍ ଅଛନ୍ତି, ସେ କହୁଛନ୍ତି ଯେ ଏହି ଭାଷଣରେ ଯେଉଁ କଥାଟି ମୋତେ ବହୁତ ଭଲ ଲାଗିଲା ତାହା ହେଉଛି ଏହା କି ଆପଣ ଏମିତି ପାର୍ଶ୍ୱକୁ ବର୍ଣ୍ଣନା କଲେ ଯାହା ସବୁ ଧର୍ମମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରୁଅଛି । ମୁଁ ତ ଜଣେ ଇସାଇ ଚର୍ଚ୍ଚ୍‌ର ସଦସ୍ୟ ଏବଂ ଆମର ଉପାସନାର ଶୈଳୀ ଏବଂ ଆପଣଙ୍କ ଧର୍ମ ମଧ୍ୟରେ ବହୁତ କିଛି କଥା ଏପରି ଅଛି ଯାହାର ଆପୋଷରେ ମେଳଖାଇବ ନାହିଁ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଇମାମ୍ ଜମାତ୍ ଏପରି ପାର୍ଶ୍ୱକୁ ବର୍ଣ୍ଣନା କଲେ ଯାହାର ସମର୍ଥନ ପ୍ରତ୍ୟେକ ଲୋକ କରିପାରିବେ । ମୋର ତ ଏ ବିଶ୍ୱାସ ଯେ ଆମ ସମସ୍ତଙ୍କର ଜଣେ ଇଶ୍ୱର ଅଛନ୍ତି । କେବଳ ଉପାସନାର ଶୈଳୀ ଭିନ୍ନ ଭିନ୍ନ । ହଜୁର୍ ଅନୁଓ୍ୱର୍ କହୁଛନ୍ତି ଅତି କମ୍‌ରେ ଏତିକି ତ ନିକଟକୁ ଆସିବା ଆରମ୍ଭ ହୋଇଗଲା ।

ଆଉଜଣେ ଅତିଥି ଓ୍ୱିଟେକ୍ ସାହେବ୍ କହୁଛନ୍ତି ଯେ ହଜୁର୍ ନିଜ ଭାଷଣରେ ମହିଳାମାନଙ୍କ ପଦମର୍ଯ୍ୟାଦାକୁ ବହୁତ ସୁନ୍ଦର ଶୈଳୀରେ ବର୍ଣ୍ଣନା କଲେ । ଏଥିରୁ ଇସ୍‌ଲାମ୍‌ରେ ମହିଳାମାନଙ୍କର ସ୍ଥାନ ଏବଂ ସମାଜରେ ମହିଳାମାନଙ୍କର ମାନ ସମ୍ମାନ ପରିପ୍ରକାଶ ହେଉଅଛି । ଇଶ୍ୱର କରନ୍ତୁ ଯେ ଏହି ଲୋକମାନଙ୍କର ହୃଦୟ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ବୁଝିବା ପାଇଁ ମଧ୍ୟ ଖୋଲିଯାଉ ଏବଂ ଏମାନେ ତାକୁ ଗ୍ରହଣ ମଧ୍ୟ କରନ୍ତୁ ଏବଂ ପ୍ରକୃତ ଏକେଶ୍ୱରବାଦକୁ ମାନିବାବାଲା ହୁଅନ୍ତୁ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଧ୍ୱଜା ତଳେ ଆସିଯାଆନ୍ତୁ । ଏହା ହିଁ ସେମାନଙ୍କର ଉନ୍ନତି ହେବ ନଚେତ୍ ସେମାନଙ୍କର ଯେଉଁ ଖିଆଲ୍ ରହିଛି ଯେ ଏହି ଅସ୍ଥାୟୀ ସଂସାରରେ ଉନ୍ନତି କରିବା ତାଙ୍କର ସଫଳତା ବୋଲି ତାହା ତାଙ୍କ ପାଇଁ କୌଣସି ଜମାନତ୍ ଦେବନାହିଁ ।

ମିଡିଆ ସମ୍ବନ୍ଧରେ ମଧ୍ୟ କିଛି କଥା ବତାଇଦେଉଛି ଯେ ହଲାଣ୍ଡ୍‌ରେ ଦୁଇଟି ମିଡିଆ ଚ୍ୟାନେଲ୍ ଆର୍.ଟି.ଭି ନନ୍‌ସ୍ପିଟ୍ ଏବଂ ୟୁରୋ ଟାଇମ୍‌ରେ ରିପୋର୍ଟ୍ ଗୁଡିକ ପ୍ରକାଶ ପାଇଛି । ୭୫ହଜାର ଲୋକମାନଙ୍କ ନିକଟରେ ଏ ବାର୍ତ୍ତା ପହଂଚିଛି । ବଇତୁଲ୍ ଆଫିୟତ୍ ଅଲ୍‌ମେରେର ଟି.ଭି ଚ୍ୟାନେଲ୍‌ରେ ରିପୋର୍ଟ୍ ପ୍ରସାରଣ କରାଯାଇଛି । ୧୫ଲକ୍ଷ ଲୋକଙ୍କ ନିକଟରେ ଖବର ପହଂଚିଛି । ସୋସିଆଲ୍ ମିଡିଆ ମାଧ୍ୟମରେ ମଧ୍ୟ ହଜାର ହଜାର ଲୋକଙ୍କ ନିକଟରେ ପହଂଚିଛି । ହଲାଣ୍ଡ୍‌ରେ ଥିବାବେଳେ ମିଡିଆ ଯୋଗେ ୧୬ଲକ୍ଷ ଲୋକଙ୍କ ନିକଟରେ ବାର୍ତ୍ତା ପହଂଚିଛି । ସେଥି ମଧ୍ୟରୁ ଅଧିକାଂଶ ଅଲ୍‌ମେରେ ମସ୍‌ଜିଦ୍‌ର କଭ୍‌ରେଜ୍ ଥିଲା ଯାହାକୁ ତାଙ୍କର ଜାତୀୟ ଟି.ଭି ପ୍ରସାରଣ କରିଥିଲା ।

ଫ୍ରାନ୍‌ସ୍‌ର ନ୍ୟୁଜ୍ ଏଜେନ୍‌ସି "ନ୍ୟାସ୍‌ନାଲ୍ ନ୍ୟୁଜ୍ ଏଜେନ୍‌ସି" ୟୁନେସ୍‌କୋରେ ଦିଆଯାଇଥିବା ଭାଷଣ ସନ୍ଦର୍ଭରେ ସେ ଗୋଟିଏ ଆର୍ଟିକିଲ୍ ପ୍ରକାଶ କଲା ଓ ସେହି ଆର୍ଟିକିଲ୍‌ର ଶେଷରେ ସ୍ତମ୍ଭକାର ଜଣକ ଏକଥାକୁ ଆଶ୍ଚର୍ଯ୍ୟ ରୂପେ ଉଲ୍ଲେଖ କରିଛନ୍ତି ଯେ ଖଲିଫା ଅହେମଦୀମାନଙ୍କ ଉପରେ ଅତ୍ୟାଚାର ହେଉଥିବା ବିଷୟ ସମ୍ବନ୍ଧରେ କୌଣସି କଥା କହିଲେ ନାହିଁ । ପୁଣି ଷ୍ଟ୍ରାର୍ସବର୍ଗ୍‌ଠାରେ ମସ୍‌ଜିଦ୍ ମେହ୍‌ଦୀର ଉଦ୍‌ଘାଟନ ସମ୍ବନ୍ଧିତ ଡି.ଏନ୍.ଏରେ ଖବର ପ୍ରସାରଣ ହେଲା । ରେଡିଓ ଚ୍ୟାନେଲ୍‌ରେ ରିପୋର୍ଟ୍ ଉପସ୍ଥାପନ କରାଗଲା ଏବଂ ଏହିପରି ଏ ଖବର ମିଡିଆ ଆଉଟ୍‌ଲେଟ୍‌ସ୍ ଜରିଆରେ ମଧ୍ୟ ମିଲିୟନ୍ ମିଲିୟନ୍ ଲୋକମାନଙ୍କ ନିକଟରେ ପହଂଚିଲା ।

ଜର୍ମାନୀରେ ଓ୍ୱିଜ୍‌ବାଦନ୍, ଫୁଲ୍‌ଡା, ବର୍‌ଲିନ୍ ଏବଂ ମେହ୍‌ଦୀଆବାଦ୍‌ଠାରେ ଯେଉଁ ଫଙ୍କ୍‌ସନ୍ ହୋଇଥିଲା ସେ ସବୁର ମୋଟାମୋଟି ଅନୁଶୀଳନ ମୁତାବକ ମୋଟ୍ ୧୩ଟି ଖବରକାଗଜ, ୪ଟି ଟି.ଭି ଚ୍ୟାନେଲ୍, ଗୋଟିଏ ରେଡିଓ ଚ୍ୟାନେଲ୍ ଏବଂ ଇଲେକ୍‌ଟ୍ରୋନିକ୍ ମିଡିଆରେ ୧୨ଟି ରିପୋର୍ଟ୍ ପ୍ରକାଶ ହୋଇଛି । ରିପୋର୍ଟ୍ ଦେଇଥିବା ବୈଦେଶିକ ସେକ୍ରେଟାରୀଙ୍କ ମତ ହେଉଛି ଏହା କି ପାଖାପାଖି ୪୯ ମିଲିୟନ୍ ଲୋକମାନଙ୍କ ନିକଟରେ ଏହି ଭିନ୍ନ ଭିନ୍ନ ମିଡିଆ ମାଧ୍ୟମରେ ଏ ବାର୍ତ୍ତା ପହଂଚିଛି । ସେହିପରି ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ମଧ୍ୟ ନିଜ ମାଧ୍ୟମରେ ପାଖାପାଖି ଦେଢ଼ ମିଲିୟନ୍ ଲୋକଙ୍କ ନିକଟରେ ବାର୍ତ୍ତା ପହଂଚାଇଛି । ଯେପରିକି ମୁଁ ପୂର୍ବରୁ ଏକଥା କହିସାରିଛି ଯେ ଅଲ୍ଲାଃ କରନ୍ତୁ କି ଏହି ବାର୍ତ୍ତାକୁ ଲୋକମାନେ ବୁଝନ୍ତୁ ।

ନମାଜ ପାଠ ପରେ ମୁଁ ଗୋଟିଏ ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇବି । ତାହା ହେଉଛି ମୋକରମ୍ ମୌଲବୀ ମେହ୍‌ମୁଦ୍ ଅହେମଦ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ପାଲାଘାଟ୍ (କେରଳ, ଇଣ୍ଡିଆ)ଙ୍କର । ୫୪ ବର୍ଷ ବୟସରେ ୧୫ ଅକ୍ଟୋବର ୨୦୧୯ ଦିନ ତାଙ୍କର ଦେହାନ୍ତ ହୋଇଥିଲା । ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈ ହି ରାଜେଉନ୍ ।

ତାଙ୍କ କୁଟୁମ୍ବରେ ଅହେମଦୀୟତ୍ ତାଙ୍କ ବାପା ମୋକରମ୍ ମୌଲବୀ କେ. ମୁହମ୍ମଦ୍ ଅଲ୍‌ଓ୍ୱି ସାହେବ୍‌ଙ୍କ ଜରିଆରେ ଆସିଥିଲା,ଯିଏ ଗଏର୍ ଅହେମମଦୀ ମାନଙ୍କର ଜଣେ ଜଣାଶୁଣା ଜ୍ଞାନୀ ଥିଲେ । ଅହେମଦୀୟତ୍ ଗ୍ରହଣ କରିବା ଯୋଗୁଁ ତାଙ୍କୁ ଭୀଷଣ ବିରୋଧର ସମ୍ମୁଖୀନ ହେବାକୁ ପଡିଲା । ତାଙ୍କ ଜରିଆରେ କେରଳ ପ୍ରଦେଶରେ ଶହ ଶହ ଲୋକଙ୍କୁ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ସୌଭାଗ୍ୟ ମିଳିଛି । ମର୍‌ହୁମ୍ ମୌଲବୀ କେ.ମେହ୍‌ମୁଦ୍ ଅହେମଦ୍ ସାହେବ୍ ନିଜ ବାପାଙ୍କ ଉପଦେଶରେ କଲେଜ୍ ପାଠକୁ ପରିତ୍ୟାଗ୍ କରି ଜାମିଆ ଅହେମଦୀୟାରେ ନାମ ଲେଖାଇଥିଲେ ଏବଂ ୧୯୮୮ ମସିହାରେ ଜାମିଆ ପାସ୍ କଲେ । ମର୍‌ହୁମ୍ ଜଣେ ବହୁତ ବଡ ଜ୍ଞାନୀ ବ୍ୟକ୍ତି ଥିଲେ, ମୁତ୍‌ତକି (ଧର୍ମପରାୟଣ) ଥିଲେ, ନମାଜ ଓ ରୋଜାର ପାବନ୍ଦ ଥିଲେ, ତହ୍‌ଜୁଦ୍ ଗୁଜାର୍, ଦୁଆଗୁ, ଗରିବ ମାନଙ୍କ ସେବକ, ଧୈର୍ଯ୍ୟବାନ୍ ଏବଂ କୃତଜ୍ଞ ନିଷ୍ଠାବାନ୍ ବ୍ୟକ୍ତି ଥିଲେ । ପବିତ୍ର କୋରାନ୍, ହଦିସ୍, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଓ ଖଲିଫାମାନଙ୍କ ପୁସ୍ତକ ଗୁଡିକର ଗଭୀର ଅଧ୍ୟୟନ ଥିଲା । ଆରବୀ, ଉର୍ଦ୍ଦୁ, ମାଲାୟାଲମ୍ ଏବଂ ତାମିଲ୍ ଭାଷାରେ ମଧ୍ୟ ସେ ବହୁତ ପ୍ରବୀଣ ଥିଲେ । ମର୍‌ହୁମ୍‌ଙ୍କ ନିକଟରେ ନିଜର ନିଜସ୍ୱ ଲାଇବ୍ରେରୀ ଥିଲା । ସେଥିରେ ଅଗଣତି ମୂଲ୍ୟବାନ୍ ପୁସ୍ତକ ଥିଲା । କେରଳାପ୍ରଦେଶ, ତାମିଲ୍‌ନାଡୁ, ଲକ୍ଷଦୀପ ଏବଂ ବିଦେଶରେ କୁଏତ୍ ଦେଶରେ ତାଙ୍କୁ ଖିଦ୍‌ମତ୍ କରିବା ପାଇଁ ସୌଭାଗ୍ୟ ମିଳିଛି । ସେ ଜଣେ ଉତମ ବକ୍ତା ଓ ଜଣେ ଶାସ୍ତ୍ରାର୍ଥୀ ମଧ୍ୟ ଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ନିର୍ଦ୍ଦେଶରେ ୧୯୯୪ ମସିହାରେ ତାଙ୍କୁ ମୋହତ୍‌ରମ୍ ମୌଲାନା ଦୋସ୍ତ୍ ମୁହମ୍ମଦ୍ ସାହେବ୍ ଶାହିଦ୍ ଏବଂ ହାଫିଜ୍ ମୁଜଫର୍ ଅହେମଦ୍ ସାହେବଙ୍କ ସହିତ

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଜମାତ୍‌ର ଜଣେ ଭୀଷଣ ମୁଖାଲିଫ୍ ମୌଲବୀଙ୍କ ସହିତ ମୁନାଜିରା କରିବାପାଇଁ ମଧ୍ୟ ସୌଭାଗ୍ୟ ମିଳିଛି । ମରହୁମ୍ ମୁସି ଥିଲେ । ତାଙ୍କ ଅନ୍ତେ ତାଙ୍କର ଦୁଇଜଣ ସ୍ତ୍ରୀ ଓ ତିନିଜଣ ଝିଅ ଅଛନ୍ତି । ଦୁଇଜଣ ଜ୍ୱାଇଁ ଅଲ୍ଲାଃତାଲାଙ୍କ କୃପାରୁ ୱାକିଫେ ଜିନ୍ଦେଗୀ ଅଛନ୍ତି ।

ତାଙ୍କର ଜଣେ ଜ୍ୱାଇଁ ଲେଖୁଛନ୍ତି ଯେ ଜାମିଆର ଶେଷ ବର୍ଷରେ ମିଳିଥିବା ଛୁଟିରେ ସେ ନିଜ ବାପାଙ୍କ ନିର୍ଦ୍ଦେଶରେ ଘରକୁ ଗଲେ ନାହିଁ ବରଂ କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକକୁ ଅଧ୍ୟୟନ କରିବା ପାଇଁ ଛୁଟି ସମୟତିକ ଉତ୍ସର୍ଗ କରିଦେଲେ । ଜାମିଆର ଛାତ୍ରମାନଙ୍କ ପାଇଁ ଏଥିରେ ବହୁତ ବଡ ଦୃଷ୍ଟାନ୍ତ ରହିଛି । ହିନ୍ଦୁସ୍ତାନ୍‌ର କେରଳ ପ୍ରଦେଶରୁ ଅହେମଦୀୟତ୍‌କୁ ଶେଷ କରିବା ପାଇଁ ସେଠିକାର ସମସ୍ତ ଗଏର୍ ଅହେମଦୀ ମୁସଲ୍‌ମାନ୍ ଫିର୍‌କା ସମୁହ ଏକାଠି ହୋଇ ଗୋଟିଏ ଅଞ୍ଜୁମନ୍ ବନାଇଲେ ଯାହାର ନାମ ଅଞ୍ଜୁମନ୍ ଇଶାଅତେ ଇସ୍‌ଲାମ୍ ରଖାଗଲା । ଏହା ଗୋଟିଏ ସଂଗଠନ ଥିଲା । ଏହି ସଂଗଠନଟି କେରଳର ସମ୍ପୂର୍ଣ୍ଣ ଦୈର୍ଘ୍ୟ ଓ ବ୍ୟାସରେ ଅନବରତ ଜମାତ୍ ଅହେମଦୀୟାର ବିରୋଧ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖା ଉପରେ ମିଥ୍ୟାରୋ ଲଗାଇ ଜଲ୍‌ସା ଅନୁଷ୍ଠିତ କରୁଥିଲା । ତାହାର ଉତରରେ ସ୍ଥାନେସ୍ଥାନେ ଜମାତ୍ ଯେଉଁ ସବୁ ଜଲ୍‌ସା

## ମୋହରିର୍ (କିରାଣୀ) ରୂପେ ସେବା କରିବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଲୋକମାନଙ୍କ ଏତଲା ନିମନ୍ତେ ଘୋଷଣା କରାଯାଉଛି ଯେ: (୧) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଆବଶ୍ୟକ ଏବଂ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ୧୦, +୨, ସେକେଣ୍ଡ ଡ଼ିଭିଜନ ହୋଇଥିବ ଅଥବା ୪୫% ନମ୍ବର ହାସଲ କରିଥିବେ । ଏହାଠାରୁ ଅଧିକା ଶିକ୍ଷା ଗ୍ରହଣ କରିଥିବା କ୍ଷେତ୍ରରେ ମଧ୍ୟ ଅତିକମ୍‌ରେ ସେକେଣ୍ଡେ ଡ଼ିଭିଜନ ବା ତା'ଠାରୁ ଅଧିକା ନମ୍ବର ରଖିଥିବେ । (୨) ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷାର୍ଥୀ ଯେଉଁମାନେ ମେଟ୍ରିକ ପାଶ କରିବା ପରେ ଜାମିଆ ଅହେମଦୀୟାରେ ଅତିକମ୍‌ରେ ଦୁଇ ବର୍ଷ ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ସେମାନେ ମୁକରମ୍ ପ୍ରିନ୍‌ସପାଲ୍ ସାହେବ ଜାମିଆ ଅହେମଦୀୟାଙ୍କ ତସ୍‌ଦିଗ୍ ଏବଂ ସୁପାରିଷ କରିବା ପରେ ନିୟମିତ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନିମନ୍ତେ ଥିବା ପରୀକ୍ଷାରେ ସାମିଲ ହୋଇପାରିବେ ।

ପ୍ରାର୍ଥୀ ସୁନ୍ଦର ଲେଖିପାରୁଥିବେ ଏବଂ ଉର୍ଦ୍ଦୁ Inpage କମ୍ପୋଜିଙ୍ଗ ଜାଣିଥିବେ ଏବଂ ଟାଇପ୍‌ର ଗତି ଅତିକମ୍‌ରେ ମିନିଟ୍ ପିଛା ୨୫ ଟି ଶବ୍ଦ ହୋଇଥିବା ଉଚିତ । (୪) କେବଳ ସେହି ପ୍ରାର୍ଥୀ ସେବା କରିବାପାଇଁ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ସଦର ଅଞ୍ଜୁମନ୍‌ଙ୍କ ତରଫରୁ କିରାଣୀମାନଙ୍କ ନିମନ୍ତେ ନିଆଯାଇଥିବା ପରୀକ୍ଷା ଓ ଇଂଟରଭ୍ୟୁରେ ପାଶ୍ ହେବେ । (୫) ଯେଉଁ ବନ୍ଧୁ ସଦର ଅଞ୍ଜୁମନ୍ ଅହେମଦୀୟାରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଓ ଉପରୋକ୍ତ ସର୍ତାବଳୀକୁ ପୂରଣ କରୁଥିବେ ସେମାନେ ଦରଖାସ୍ତ ଦେଇପାରିବେ । ଦରଖାସ୍ତ ଫର୍ମ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନଙ୍କ ନିକଟୁ ମଗାଇ ନିଅନ୍ତୁ । ନିଜର ଦରଖାସ୍ତକୁ ନିର୍ଦ୍ଧାରିତ ଫର୍ମକୁ ପୂରଣ କରି ନିଜାରତେ ଦିୱାନ୍‌ଙ୍କୁ ପଠାଇ ଦିଅନ୍ତୁ । ଦରଖାସ୍ତ ଫର୍ମ ମିଳିବାପରେ ପରୀକ୍ଷା ଅନୁଷ୍ଠିତ କରାଯିବ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ମିଳିବ ତାହା ବିଚାରକୁ ନିଆଯିବ । (୬) ଦ୍ୱିତୀୟ ଶ୍ରେଣୀ କର୍ମଚାରୀମାନଙ୍କ ନିମନ୍ତେ ଥିବା ପାଠ୍ୟସୂଚୀ ପରୀକ୍ଷା କମିଶନ୍‌ର ପ୍ରତ୍ୟେକ ବିଭାଗରେ ସଫଳ ହେବା ଜରୁରୀ ଅଟେ । ଯାହା ନିମ୍ନରେ ଦିଆଗଲା ।

* ପବିତ୍ର କୋରାନ୍ ନାଜେରା ସମ୍ପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ * ଚାଲିସ୍ ଜୱାହିର୍ ପାରେ, ଅର୍‌କାନେ ଇସ୍‌ଲାମ୍, ନମାଜ୍ ସମ୍ପୁର୍ଣ୍ଣ ଅନୁବାଦ ସହିତ * କଶ୍‌ତି ନୁହ୍, ବରକାତୁଦ୍ ଦୁଆ. ଦିନି ମାଲୁମାତ୍ * ଅକାଇଦେ ଯମାତ୍ ଅହେମଦୀୟା * ଦୁର୍‌ରେ ସମିମ୍ ରୁ ନଜମ୍ (ଶାନେ ଇସ୍‌ଲାମ୍) * ଇଂରାଜୀ ୧୦+୨ ସ୍ତର ମୁତାବକ * ଗଣିତ ମେଟ୍ରିକ ସ୍ତରର, ସାଧାରଣ ଜ୍ଞାନ (୭) ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀଙ୍କର ଇଂଟରଭ୍ୟୁ ହେବ । ସେବାକରିବା ନିମନ୍ତେ ଇଂଟରଭ୍ୟୁରେ ସଫଳ ହେବା ଜରୁରୀ । (୮) ଲିଖିତ ପରିକ୍ଷା ଏବଂ ଇଂଟରଭ୍ୟୁ ଦୁଇଟି ଯାକରେ ସଫଳ ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ରେ ସ୍ୱାସ୍ଥ୍ୟ ଯାଚଂ କରାଇବାକୁ ହେବ ଏବଂ କେବଳ ସେହି ପ୍ରାର୍ଥୀ ସେବା କରିବାର ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୂର୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ । (୯) ଯଦି କୌଣସି ପ୍ରାର୍ଥୀକୁ ଯମାତ୍‌ର କୌଣସି ପୋଷ୍ଟରେ ଚୟନ କରାଯାଏ ତେବେ ଏ କ୍ଷେତ୍ରରେ ତାଙ୍କୁ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ । (୧୦) କାଦିୟାନ୍ ଆସିବାର ଯାତାୟାତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନାଜର ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରିପାରିବେ**

**ମୋବାଇଲ୍-୯୮୭୭୧୩୮୩୪୭, ୯୬୪୬୩୫୧୨୮୦**

**ଅଫିସ୍ ଫୋନ୍- ୦୧୮୭୨୫୦୧୧୩୦**

Email: diwan@qadian.in

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

**ତାଲିବେ ଦୁଆ:** *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

## ଜଲ୍‌ସାସାଲାନାର ଗୁରୁତ୍ୱ ଏବଂ ବର୍‌କାତ୍

**''ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଐଶ୍ୱରିକ ଜଲ୍‌ସା ନିମନ୍ତେ ଯାତ୍ରା କରିବ ଖୁଦାତାଲା ତାଙ୍କ ସହିତ ରହନ୍ତୁ ଏବଂ ତାଙ୍କୁ ମହାନ୍ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଉପରେ ଦୟା କରନ୍ତୁ, ସେମାନଙ୍କ ଦୁଃଖ କଷ୍ଟ ଓ ଅସୁବିଧାକୁ ତାଙ୍କ ପାଇଁ ସହଜ କରିଦିଅନ୍ତୁ । ତାଙ୍କର ଦୁଃଖ ଓ ବିଷାଦକୁ ଦୂର କରି ଦିଅନ୍ତୁ ।**

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

''ଜରୁରୀ ଅଟେ ଯେ ଏହି ଜଲ୍‌ସା, ଯାହା ଅନେକ ବୈଭକୁ ସାଥିରେ ଧରି ରଖିଛି , ତେଣୁ ପ୍ରତ୍ୟେକ ଏପରି ବ୍ୟକ୍ତି ନିଶ୍ଚିତ ରୂପେ ଏଥିରେ ଯୋଗଦେଉ ଯିଏ ରାସ୍ତାଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ରଖିଛି ଏବଂ ନିଜ ଶୋଇବା ପାଇଁ ଶୀତ ବସ୍ତ୍ର ଓ କମଳ ଇତ୍ୟାଦି ଆବଶ୍ୟକ ଅନୁସାରେ ସାଥିରେ ଆଣୁ । ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ମାର୍ଗରେ ଛୋଟିଆ ଛୋଟିଆ ପ୍ରତିରୋଧକୁ ପରବାୟ ନ କରୁ । ଖୁଦାତାଲା ନିଷ୍ଠାବାନ୍ ବ୍ୟକ୍ତିମାନଙ୍କୁ ପାଦେପାଦେ ପୁଣ୍ୟ ପ୍ରଦାନ କରିଥାନ୍ତି ଏବଂ ତାହାଙ୍କ ମାର୍ଗରେ କୌଣସି ପରିଶ୍ରମ ଓ କଷ୍ଟ ଉଠାଇବା ବ୍ୟର୍ଥ ଯାଏନାହିଁ । ଏବଂ ପୁନର୍ବାର ଲେଖାଯାଉଅଛି କି ଏହି ଜଲ୍‌ସାକୁ ସାଧାରଣ ମନୁଷ୍ୟଗତ ଜଲ୍‌ସା ଭଳି ବିବେଚନା କରନାହିଁ । ଏହା ହେଉଛି ସେହି କଥା ଯାହା କେବଳ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ଏବଂ ଇସ୍‌ଲାମୀୟ କଲେମାର ଉନ୍ନତି ସାଧନ ଉପରେ ଆଧାରିତ । ଏହି ସମ୍ପ୍ରଦାୟର ମୁଳଦୁଆ ଖୁଦାତାଲା ତାଙ୍କ ନିଜ ହସ୍ତରେ ରଖିଛନ୍ତି । ଏଥିପାଇଁ କୌମ୍ (ବିଶେଷ ଜାତି) ପ୍ରସ୍ତୁତ କରିଛନ୍ତି । ଯେଉଁମାନେ ନିକଟ ଭବିଷ୍ୟତରେ ଆସି ଏହା ସହିତ ମିଶିବେ । କାରଣ ଏହା ହେଉଛି ସେହି ସର୍ବଶକ୍ତିମାନ୍ ଇଶ୍ୱରଙ୍କର କାର୍ଯ୍ୟ ଯାହାଙ୍କ ସମ୍ମୁଖରେ କୌଣସି କଥା ଅସମ୍ଭବ ନୁହେଁ ।''

ପୁଣି କହୁଛନ୍ତି:- ''ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଐଶ୍ୱରିକ ଜଲ୍‌ସା ନିମନ୍ତେ ଯାତ୍ରା କରିବ ଖୁଦାତାଲା ତାଙ୍କ ସହିତ ରହନ୍ତୁ ଏବଂ ତାଙ୍କୁ ମହାନ୍ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଉପରେ ଦୟା କରନ୍ତୁ, ସେମାନଙ୍କ ଦୁଃଖ କଷ୍ଟ ଓ ଅସୁବିଧାକୁ ତାଙ୍କ ପାଇଁ ସହଜ କରିଦିଅନ୍ତୁ । ତାଙ୍କର ଦୁଃଖ ଓ ବିଷାଦକୁ ଦୂର କରି ଦିଅନ୍ତୁ ଏବଂ ସେମାନଙ୍କୁ ପ୍ରତ୍ୟେକ ପ୍ରକାରର କଷ୍ଟରୁ ମୁକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଆଶା ଅଭିଳାଷାକୁ ପୂରଣ କରନ୍ତୁ । ପରୋକାଳରେ ସେହି ଭକ୍ତମାନଙ୍କ ସହିତ ତାଙ୍କୁ ଉଠାନ୍ତୁ ଯେଉଁମାନଙ୍କ ଉପରେ ତାହାଙ୍କ ଦୟା ଓ କୃପା ଅବତୀର୍ଣ୍ଣ ହୋଇଅଛି ଏବଂ ତାଙ୍କର ଯାତ୍ରା ଶେଷରେ ତାଙ୍କର ଖଲିଫା ତାଙ୍କର (ଉତରାଧିକାରୀ) ହୁଅନ୍ତୁ । ହେ ଖୁଦା ! ହେ ଜୁଲ୍‌ମଜଦ୍ ୱଲ ଅତା (ହେ ସମସ୍ତ ସମ୍ମାନର ଅଧିକାରୀ ଓ ପ୍ରଦାନକାରୀ) ଏବଂ ସଦା କରୁଣାମୟ ଓ ଦୁଃଖ ହରଣକାରୀ (ଖୁଦା) ଏହି ସମସ୍ତ ଦୁଆ (ପ୍ରାର୍ଥନା)କୁ ଗ୍ରହଣ କରନ୍ତୁ ଏବଂ ଆମକୁ ଆମ ବିରୋଧିମାନଙ୍କ ଉପରେ ଉଜ୍ଜଳ ନିଦର୍ଶନ ସହିତ ବିଜୟୀ କରାନ୍ତୁ ତୁମେ ହିଁ ହେଉଛ ସକଳ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ । *ଆମିନ୍ ସୁମ୍ମା ଆମିନ୍ ।*

***(ମଜ୍‌ମୁଆ ଇସ୍ତେହାରାତ୍ ଖଣ୍ଡ-୧, ପୃଷ୍ଠା-୩୪୧, ୩୪୨, ଇସ୍ତେହାର୍ ୭/ଡିସେମ୍ବର୍ ୧୮୯୨)***

ଅନୁଷ୍ଠିତ କରିଛି ତାହା ସବୁ ମର୍‌ହୁମ୍‌ଙ୍କ ନେତୃତ୍ୱରେ ହିଁ ଅନୁଷ୍ଠିତ ହୋଇଛି । ୧୯୯୮ ମସିହାରେ ଏବଂ ୨୦୧୫ ମସିହାରେ ଅଞ୍ଜୁମନେ ଇଶାଅତେ ଇସ୍‌ଲାମ୍ ସହିତ ଜମାତ୍‌ର ଐତିହାସିକ ମୁନାଜେରା (ତର୍କ) ହୋଇଛି । ସେଥିରେ ମର୍‌ହୁମ୍ ମହାଶୟଙ୍କୁ ଜଣେ ଶାସ୍ତ୍ରାର୍ଥୀ ରୂପେ ସେବା କରିବାର ସୌଭାଗ୍ୟ ମିଳିଛି । ଏତଦ୍‌ବ୍ୟତୀତ ଅହ୍‌ଲେ କୁର୍‌ଆନ୍ ଏବଂ ଅହ୍‌ଲେ ହଦିସ୍‌ଙ୍କ ସହିତ ମଧ୍ୟ କେବଳ ଅଲ୍ଲାଃତାଲାଙ୍କ କୃପାରୁ ସେ ସଫଳ ତର୍କ କରିବାର ସୌଭାଗ୍ୟ ପାଇଛନ୍ତି । ମର୍‌ହୁମ୍ ନମାଜ ରୋଜାର ପାବନ୍ଦ ଥିଲେ । ଛୋଟ ବୟସରୁ ହିଁ ତହଜୁଦ୍ ନମାଜ ପାଠ କରିବାର ଅଭ୍ୟାସି ଥିଲେ । ତାଙ୍କ ଜ୍ୱାଇଁ ଲେଖୁଛନ୍ତି ଯେ ପିଲାଦିନର ଗୋଟିଏ ଘଟଣା ବିଷୟରେ ଏକଥା କୁହାଯାଉଛି ଯେ ଏକଦା ମର୍‌ହୁମ୍ ତହଜୁଦ୍ ନମାଜ ପଢ଼ିପାରିଲେ ନାହିଁ । ସେଥିଯୋଗୁ ତାଙ୍କ ବାପା ତାଙ୍କୁ କହିଲେ ଯେ ହେ ପୁଅ! କଣ ତୁମେ ଏକଥା ଚାହୁଁନାହଁ ଯେ ତୁମକୁ ମକାମେ ମେହ୍‌ମୁଦ୍ (ଅର୍ଥାତ୍ କୁର୍‌ଆନ୍ ବର୍ଣ୍ଣିତ ପ୍ରଶଂସାର ପଦମର୍ଯ୍ୟାଦା) ମିଳୁ ? ସେହିଦିନଠାରୁ ମର୍‌ହୁମ୍ ଉକ୍ତ ଓ୍ୱସିୟତ୍‌କୁ କାନିରେ ବାନ୍ଧିଦେଲେ ଓ ଜୀବନସାରା ତା ଉପରେ ପରିଚାଳିତ ହେଲେ, ଏପରିକି ବେମାର ଥିବା ଅବସ୍ଥାରେ ଓ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ମଧ୍ୟ ତାହ ଉପରେ କାଏମ୍ ରହିଲେ । ଖିଲାଫତ ସହିତ ତାଙ୍କର ନିବିଡ ପ୍ରେମଭାବ ଓ ଭକ୍ତିଭାବ ଥିଲା, ସେହିପରି ଖିଲାଫତ୍ ସହିତ ନିଷ୍ଠାର ସମ୍ପର୍କ ଥିଲା । ଶିକ୍ଷାଗତ, ସଂସ୍କାରଗତ ଏବଂ ତବ୍‌ଲିଗ୍ ବୈଠକରେ ତାଙ୍କର ବହୁତ ବଡ ଭାଗ ଖିଲାଫତ୍ ପାଇଁ ବିଶେଷ ଭାବେ ରହୁଥିଲା । ଏହି ବିଷୟରେ ସେ କଥା କହୁଥିଲେ । ଏବଂ ଏହି ବିଷୟ ଉପରେ ଚର୍ଚ୍ଚା କରି ଅଧିକାଂଶ ସମୟ ସେ ଭାବବିହ୍ୱଳ ହୋଇଯାଉଥିଲେ । ୨୦୧୫ ମସିହାରେ ଜଣେ ମହିଳା ତାଙ୍କ ପିଲାମାନଙ୍କ ସହିତ ଅହେମଦୀ ହେଲେ । ତାଙ୍କ ସ୍ୱାମୀ ବିଦେଶରେ ରହୁଥିଲେ । ଯେତେବେଳେ ସେ ଆସିଲେ ସେ ତାଙ୍କୁ ତବ୍‌ଲିଗ୍ କଲେ । ସେ ଗୋଟିଏ ପ୍ରଶ୍ନ ପଚାରିଲେ ଯେ ଖିଲାଫତ୍‌କୁ ମାନିବାର କଣ ଆବଶ୍ୟକତା ରହିଛି ? ଏଥିରେ ମର୍‌ହୁମ୍ ଖିଲାଫତ୍‌ର ସ୍ଥିତି, ଖିଲାଫତର ଗୁରୁତ୍ୱ ଏବଂ ଖିଲାଫତ୍‌ର ବର୍‌କତ୍ ସମ୍ବନ୍ଧରେ ଏତେ ଭାବବିହ୍ୱଳ ହୋଇ କଥା କହିଲେ ଯେ ତାଙ୍କର ଆଖି ଅଶ୍ରୁରେ ଭରିଗଲା । ତାହାର ପ୍ରଭାବ ଉକ୍ତ ଅଣ ଜମାତ୍ ବ୍ୟକ୍ତି ଉପରେ ଏପରି ପଡିଲା ଯେ ସେ ଏକଥାକୁ ଶୁଣିବା କ୍ଷଣି ହିଁ ତତ୍‌କ୍ଷଣାତ୍ ବୟତ୍ କରିନେଲେ ।

ବାସ୍ତବିକ୍ ସେ ଖିଲାଫତ୍‌ର ସୁଲ୍‌ତାନେ ନସିର୍ ଥିଲେ । ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ଉପରେ କରୁଣା କରନ୍ତୁ । ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚତମ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କର ପୂଣ୍ୟ କାର୍ଯ୍ୟକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

ଯେତେବେଳେ ଏହି ଯାଗାଟି ଖରିଦ୍ କରାଯାଇଥିଲା ସେତେବେଳେ ଏଠିକାର ସହରରେ କେବଳ ଗୋଟିଏ ଅହେମଦୀ ଫ୍ୟାମିଲି ରହୁଥିଲେ । ଏବେ ଅଲ୍ଲାଃତାଲାଙ୍କ କୃପାରୁ ଏ ଇଲାକାରେ ଜମାତ୍‌ର ଲୋକମାନଙ୍କର ସଂଖ୍ୟା ଦେଢ଼ଶହରୁ ଅଧିକା ହୋଇସାରିଛି ଓ ଦିନକୁ ଦିନ ଏ ସଂଖ୍ୟାରେ ଅଭିବୃଦ୍ଧି ହେଉଅଛି । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲାଜାଲିକ୍ । (ବହଓ୍ୱାଲା ଅଖ୍‌ବାର୍ ବଦର୍ ଉର୍ଦ୍ଧୁ, ୨୬ ନଭେମ୍ବର୍ ୨୦୧୫)

**୧୩ ଅକ୍ଟୋବର ୨୦୧୫ ମଙ୍ଗଳବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬.୪୫ ମିନିଟ୍‌ରେ ବଇତୁଲ୍ ନୂର୍ ଠାରେ ପହଂଚି ଫଜର ନମାଜ ପଢ଼ାଇଲେ ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ପାଖାପାଖି ୭.୪୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଏବଂ ସାଇକେଲ୍ ଯୋଗେ ପ୍ରାତଃ ଭ୍ରମଣକୁ ବାହାରିଲେ । ଆଜି ମଧ୍ୟ ପ୍ରାୟ ଆକାଙ୍କ ସହିତ ପଚିଶ ତିରିଶ ଜଣ ଖୁଦାମ ପ୍ରାତଃ ଭ୍ରମଣ କରିବାର ସୌଭାଗ୍ୟ ପାଇଲେ । ଜଙ୍ଗଲ ମଧ୍ୟରେ ଥିବା ରାସ୍ତା ଓ ଟ୍ରାକ ଗୁଡ଼ିକ ପାର ହୋଇ ହଜୁର ଅନଓ୍ୱର ଅ:ବ:ଅ ହ୍ରଦ ନିକଟରେ ପହଂଚିଲେ ଓ ସେଠାରେ କିଛି ସମୟ ପଦଚାରଣ କଲେ ଓ ନିଜ ସହିତ ଆସିଥିବା ଖୁଦାମ୍‌ମାନଙ୍କ ସହିତ ବାର୍ତ୍ତାଳାପ କଲେ । ସେଠାରେ କିଛି ସମୟ ରହିବା ପରେ ଠିକ୍ ୮.୪୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ସେଠାରୁ ଫେରିଆସିଲେ ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୧୨:୩୦ ମିନିଟ୍‌ରେ ନିଜ ଦଫତରରେ ପହଂଚି ଚିଠି ପତ୍ର ଦେଖିଲେ ଓ ସେହି ଚିଠି ପତ୍ର ଓ ରିପୋର୍ଟ ଇତ୍ୟାଦିରେ ହିଦାୟତ ପ୍ରଦାନ କଲେ ।

ଠିକ୍ ୨ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ବଇତୁଲ୍ ନୂରଠାରେ ପର୍ଦାପଣ କରି ଜୋହର ଏବଂ ଅସର ନମାଜ ଜମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ ମୁତାବକ ଠିକ୍ ୭ ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରରେ ପର୍ଦାପଣ କଲେ ଏବଂ ମୋକରମ୍ ମୁବାରକ ଅହମଦ୍ ଜଫର ସାହେବ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ ହଜୁରଙ୍କ ସହିତ ସାକ୍ଷାତ କଲେ । ହଜୁର ଅନଓ୍ୱର ଅ:ବ:ଅ କିଛି ବ୍ୟବସ୍ଥାପକ କାର୍ଯ୍ୟ ସମ୍ବନ୍ଧରେ ତାଙ୍କୁ ଉପଦେଶ ଦେଲେ ତା'ପରେ ମୋକରମ୍ ହିବତୁଲ୍ ନୂର୍ ଫରାହକନ୍ ସାହେବ ଅମୀର ଯମାତ୍ ହଲାଣ୍ଡ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କଲେ । ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ତାଙ୍କ ସହିତ ବାର୍ତ୍ତାଳାପ କଲେ ଓ ଉପଦେଶ ପ୍ରଦାନ କଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ବ୍ଲକ "ଏ" ର ଦ୍ୱିତୀୟ ମହଲାରେ ଅବସ୍ଥିତ ମୋକରମ୍ ସଫିର ଅହେମଦ୍ ସିଦ୍ଧିକ୍ ସାହେବ ମୁବଲିଗ୍ ନନ୍‌ସ୍ପିଟ୍ (ହଲାଣ୍ଡ) ଙ୍କ ଆବାସସ୍ଥଳୀର ପରିଦର୍ଶନ କଲେ । ସେଠାରେ ପାଖାପାଖି ୩୫ ମିନିଟ୍ ରହଣି ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ କାର୍ଯ୍ୟାଳୟକୁ ଚାଲିଆସିଲେ । ଏଠି ଘରେ ରହଣି ସମୟରେ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ମୁବ୍‌ଲିଗ୍ ସିଲ୍‌ସିଲା ମୋକରମ ସଫିର୍ ଅହେମଦ୍ ସିଦ୍ଧିକ୍ ସାହେବଙ୍କୁ ତବ୍‌ଲିଗ୍, ତରବିୟତ, ପବ୍ଲିକ ରିଲେସନ୍ ଏବଂ ପ୍ରେସ୍ ଏବଂ ମିଡ଼ିଆ ସହିତ ସମ୍ପର୍କ ସ୍ଥାପନ ପ୍ରସଙ୍ଗରେ ଉପଦେଶ ପ୍ରଦାନ କଲେ ଓ ମାର୍ଗଦର୍ଶନ କରାଇଲେ ।

ଏହାପରେ ଠିକ୍ ୭:୪୫ ରେ ହଜୁର ଅନଓ୍ୱର ଅ:ବ:ଅ ଯେତେବେଳେ ଦଫତର ଭିତରକୁ ଆସିଲେ ସେତେବେଳେ ହଜୁର ଅନଓ୍ୱର ଅ:ବ:ଅ ଏ ଅଧମ ଏବଂ ମୁକରମ୍ ମୁବାରକ୍ ଅହେମଦ୍ ଜଫର ସାହେବ ଆଡ଼ିସ୍‌ନାଲ ଓ୍ୱକିଲୁଲ୍ ମାଲ୍ ଲଣ୍ଡନକୁ ଡ଼କାଇ ପଠାଇଲେ ଓ ବିଭିନ୍ନ ବିଷୟରେ ହିଦାୟତ ପ୍ରଦାନ କଲେ ।

କ୍ରମଶଃ.........

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 05 Dec 2019 Issue No. 49

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

## ୧୨ ଅକ୍ଟୋବର ୨୦୧୫ (ସୋମବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୪୫ରେ ବଇତୁଲ୍ ନୁର୍‌ଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ୭:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନନ୍‌ସ୍ପିଟ୍ ଦେହାତି ଜଙ୍ଗଲ ଆଡକୁ ପ୍ରାତଃ ଭ୍ରମଣ ପାଇଁ ଗଲେ । ପ୍ରାତଃ ଭ୍ରମଣର ଏହି ପ୍ରୋଗ୍ରାମ୍ ସାଇକେଲ୍ ଯୋଗେ କରାଯାଇଥିଲା । ନିଜ ପ୍ରିୟ ଆକାଙ୍କ ସହିତ ୨୫ରୁ ୩୦ ଜଣ ଖୁଦ୍ଦାମ୍ ଯୋଗ ଦେଇଥିଲେ ।

ଜଙ୍ଗଲ ମଝିରେ ବିଭିନ୍ନ ରାସ୍ତା ଓ ସଡକ ମାର୍ଗକୁ ଅତିକ୍ରମ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅ ହ୍ରଦ ନିକଟରେ ପହଂଚିଲେ ଓ ସେଠାରେ କିଛି ସମୟ ପାଇଁ ରହି ପଦୋଚାରଣ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ମୋକରମ୍ ଅବ୍‌ଦୁଲ୍ଲାଃ ସପରା ସାହେବ୍‌ଙ୍କୁ ନିର୍ଦ୍ଦେଶ ଦେଲେ ଯେ ଆପଣ ଦଉଡନ୍ତୁ । ସେହିପରି ଏମ୍.ଟି.ଏ ଇଂଟର୍ ନାସନାଲ୍ ଲଣ୍ଡନ୍‌ରୁ ଆସିଥିବା କେନ୍ଦ୍ରୀୟ ଟିମମ୍‌ର ସଦସ୍ୟ ମୋକରମ୍ ତୌକିର୍ ଅହେମଦ୍ ସାହେବ୍, ମୁଜମିଲ୍ ଡୋଗର୍ ସାହେବ୍ ଏବଂ ସଲ୍‌ମାନ୍ ଅବାସି ସାହେବ୍ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ନିର୍ଦ୍ଦେଶ କ୍ରମେ ଦଉଡିଲେ । ଏହି ସମସ୍ତ ସଦସ୍ୟମାନେ ହ୍ରଦର କୂଳେ କୂଳେ ଦଉଡି ଦଉଡି ଗୋଟିଏ ଲମ୍ବା ଦୂରତାକୁ ଅତିକ୍ରମ କଲେ । ଏଠାରେ କିଛି ସମୟ ରହଣି ପରେ ଲେଉଟିବାର ଯାତ୍ରା ଆରମ୍ଭ ହେଲା ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୮:୫୫ରେ ଲେଉଟି ଆସିଲେ ।

ଠିକ୍ ୧୨ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରକୁ ଆସିଲେ ଓ ଦଫ୍‌ତର୍‌ରେ ଚିଠିପତ୍ର ରିପୋର୍ଟ୍‌ସ୍ ଇତ୍ୟାଦିକୁ ଦେଖିଲେ ଓ ନିଜ ପବିତ୍ର ହସ୍ତ ଦ୍ୱାରା ସେଥିରେ ହିଦାୟତ୍ ପ୍ରଦାନ କଲେ । ପାଖାପାଖି ୧୨:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନନ୍‌ସ୍ପିଟ୍‌ର ପଡୋଶୀ ସହର Zwolle କୁ ପରିଦର୍ଶନ କରିବା ପାଇଁ ବାହାରିଲେ ।

ପୂର୍ବରୁ Zwolle ସହରରେ କିଛି ଅହେମଦୀ ବସବାସ କରୁଥିଲେ । ସେଥିଯୋଗୁ ଏମାନେ ସମସ୍ତେ ନନ୍‌ସ୍ପିଟ୍ ଜମାତ୍‌ର ଅଂଶ ହୋଇ ରହିଥିଲେ । ବିଗତ ବର୍ଷ ଠାରୁ Zwolle ଠାରେ ଜମାତ୍‌ର ଲୋକମାନଙ୍କର ସଂଖ୍ୟା ବହୁମାତ୍ରାରେ ବଢ଼ିଯାଇଛି ଓ ଏଠାରେ ବହୁତ ଗୁଡିଏ ଅହେମଦୀ ଫ୍ୟାମିଲି ବସବାସ କରୁଛନ୍ତି । ସେଥିଯୋଗୁ ଏବେ ଏଠାରେ ଅଲଗା ଜମାତ୍ ସ୍ଥାପନ କରାଯାଇଛି । ୩:୪୫ରେ Zwolle ସହରରୁ ଫେରିଆସିଲେ ।

୪:୧୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପହଂଚି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

୬:୫୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜମାତ୍‌ର ମର୍କଜି ସେଂଟର୍ ବଇତୁଲ୍ ନୁର୍ ନନ୍‌ସ୍ପିଟ୍‌ର ବିଭିନ୍ନ ଅଟ୍ଟାଳିକା ଗୁଡିକୁ ପରିଦର୍ଶନ ଓ ନିରୀକ୍ଷଣ କଲେ ।

ବ୍ଲକ୍ ସି. ରେ ନିୟମିତ ମେହ୍‌ରାବ୍ ତିଆରି କରାଯାଇ ମସ୍‌ଜିଦ୍ ପ୍ରସ୍ତୁତ କରାଯାଇଛି । ଏହି ବ୍ଲକ୍‌ରେ ମସ୍‌ଜିଦ୍ ସହିତ ଗୋଟିଏ ଆବାସସ୍ଥଳୀ ପାଇଁ କୋଠରୀ ନିର୍ମାଣ କରାଯାଇଛି । ଏଠାରେ ସିକ୍ୟୁରିଟି ଷ୍ଟାଫ୍‌ଙ୍କ ମେମ୍ବର୍‌ମାନେ ରହୁଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହାର ନିରୀକ୍ଷଣ କଲେ ଓ ଏଠାରେ ବାଥ୍‌ରୁମ୍‌ର ସୁବିଧା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବ୍ଲକ୍ ବି. ରେ ପହଂଚିଲେ । ଏହି ବ୍ଲକ୍‌ର ପ୍ରଥମ ଦୁଇଟି ମହଲାରେ ଲଜ୍‌ନା ମାନଙ୍କର କାର୍ଯ୍ୟକ୍ରମ ନିମନ୍ତେ ଗୋଟିଏ ବହୁତ ବଡ ହଲ୍ ଏବଂ ଏତଦ୍‌ବ୍ୟତୀତ ଦୁଇଟି ଛୋଟ ଛୋଟ ହଲ୍ ଓ ରୋଷେଇ ଘରର ସୁବିଧା ମଧ୍ୟ ଉପଲବ୍ଧ ରହିଛି । ଏହି ହଲ୍ ଗୁଡିକର ଦେଖଭାଲ ପାଇଁ ଓ ମରାମତି କାର୍ଯ୍ୟ କରିବା ସମ୍ବନ୍ଧରେ ହଜୁର୍ ଅନୁଓ୍ୱର୍ ନିରୀକ୍ଷଣ କଲେ ।

ଏହି ଦୁଇଗୋଟି ହଲ୍‌ର ଉପରେ ରହିବା ପାଇଁ ଫ୍ଲାଟ୍ (ଆପାର୍ଟ୍‌ମେଂଟ୍‌ସ୍) ରହିଛି ଯେଉଁଠି କାଫିଲାର ସଦସ୍ୟମାନେ ଓ ଅନ୍ୟାନ୍ୟ ଅତିଥିମାନେ ରହୁଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେହି ଆପାର୍ଟ୍‌ମେଂଟ୍‌ସ୍ ଗୁଡିକୁ ପରିଦର୍ଶନ କରିବା ପାଇଁ ତା ଭିତରକୁ ଗଲେ ଓ ସେଠାରେ ସଫାଇ କାର୍ଯ୍ୟ ଏବଂ ମେଂଟେନାନ୍‌ସ୍ କାର୍ଯ୍ୟର ନିରୀକ୍ଷଣ କଲେ ଓ ଏ ସମ୍ବନ୍ଧରେ ଇନ୍ତେଜାମିଆଙ୍କୁ ନିର୍ଦ୍ଦେଶ ଦେଲେ ଓ ପଚାରି ବୁଝିଲେ । ସୁତରାଂ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ଏକଥା କୁହାଗଲା ଯେ ଏହି କୋଠରୀ ଗୁଡିକର ସଫାଇ କାର୍ଯ୍ୟ ଓ ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟ ସ୍ଥାନୀୟ ଜମାତ୍‌ର ଲଜ୍‌ନାମାନଙ୍କୁ ଦିଆଯାଇଛି ଓ ସେମାନେ ମଝିରେ ମଝିରେ ଏଠାକୁ ଆସି ସେଗୁଡିକୁ ମେଂଟେନ୍ ରଖୁଛନ୍ତି । ନନ୍‌ସ୍ପିଟ୍ ଜମାତ୍‌ର ସେଂଟର୍ ବଇତୁଲ୍ ନୁର୍‌ର କିଛି କିଛି ଭାଗକୁ ନିରୀକ୍ଷଣ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରକୁ ଚାଲିଗଲେ ଓ ସେଠାରେ ଦଫ୍‌ତରି ଡାକପତ୍ର, ରିପୋର୍ଟ୍‌ସ୍ ଏବଂ ଚିଠି ଇତ୍ୟାଦିକୁ ଦେଖିଲେ ଓ ନିଜ ପବିତ୍ର ହସ୍ତ ଦ୍ୱାରା ଉକ୍ତ ଚିଠିପତ୍ର ଉପରେ ଓ ରିପୋର୍ଟ୍ ଗୁଡିକ ଉପରେ ହିଦାୟତ୍ ପ୍ରଦାନ କଲେ ।

ଏହାପରେ ଠିକ୍ ୮:୩୦ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପଦାର୍ପଣ କରି ମଗ୍‌ରିବ୍ ଏବଂ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ପାଇଁ ନିର୍ଦ୍ଧାରିତ ଆବାସସ୍ଥଳୀକୁ ଚାଲିଗଲେ ।

ନନ୍‌ସ୍ପିଟ୍ ମିଶନ୍ ହାଉସ୍ ହେଉଛି ଜମାତ୍ ଅହେମଦୀୟା ହଲାଣ୍ଡ୍‌ର ନ୍ୟାସ୍‌ନାଲ୍ ସେଂଟର୍ । ହଲାଣ୍ଡ ଜମାତ୍‌ର ମର୍କଜି ଉତ୍ସବ ଗୁଡିକ, ଜଲ୍‌ସାସାଲାନା, ଜେଲି ତନ୍‌ଜିମ୍ ଗୁଡିକର ଇଜିତିମା ଇତ୍ୟାଦି କାର୍ଯ୍ୟ ଏବଂ ତର୍‌ବିୟତି ସମ୍ମିଳନୀ ଇତ୍ୟାଦିର କାର୍ଯ୍ୟ ଏହି ସେଂଟର୍‌ଠାରେ ଅନୁଷ୍ଠିତ ହୋଇଥାଏ । ଜମାତି ସେଂଟର୍‌ର ଏହି କମ୍ପ୍ଲେକ୍ସ୍‌ରେ ତିନୋଟି ବଡ ବଡ ଲମ୍ବା ଚଉଡା ଅଟ୍ଟାଳିକାମାନ ରହିଛି ଏବଂ ଗୋଟିଏ ରହିବା ସ୍ଥଳୀ ଏତଦ୍‌ବ୍ୟତୀତ ତା ଭିତରେ ରହିଛି । ଏହି ସମସ୍ତ ମର୍କଜି ସ୍ଥାନଟି ୧.୧୫ ଏକର କ୍ଷେତ୍ରଫଳ ବିଶିଷ୍ଟ ସ୍ଥାନରେ ବ୍ୟାପିରହିଛି ।

ଏହି ମର୍କଜଟିକୁ ୧୯୮୫ ମସିହାରେ କିଣାଯାଇଥିଲା । ଏହାକୁ ଖରିଦ୍ କରିବାର ବିବରଣୀ ଏପରି ଅଟେ ଯେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ହଲାଣ୍ଡ୍‌ରେ ଗୋଟିଏ ବଡ ମର୍କଜ କିଣିବା ପାଇଁ ଗୋଟିଏ କମିଟି ତିଆରି କରିଥିଲେ । ସେହି କମିଟିର ଜଣେ ମେମ୍ବର୍ ମୋହତରମା ମିସେଜ୍ ବହ୍‌ରି ହମିଦ୍ ସାହିବା ଥିଲେ । ଏହି ମିଶନ୍‌କୁ କିଣିବା ପାଇଁ ସବୁ ପ୍ରକାରର ଡାଟା ଏକାଟି କରିବା ଏବଂ ସେ ସବୁକୁ କମିଟିର ସଦସ୍ୟମାନଙ୍କ ନିକଟରେ ପହଂଚାଇବା ତାଙ୍କର ଦାୟିତ୍ୱ ଥିଲା । ତତ୍‌ସହିତ ଖରିଦ୍ କରିବା ସମୟରେ ସମସ୍ତ ମାମଲା ଗୁଡିକୁ ନିର୍ଦ୍ଧାରଣ କରିବାରେ ତାଙ୍କର ବିଶେଷ ଅବଦାନ ଥିଲା ।

ମୋହତରମା ବହ୍‌ରି ହମିଦ୍ ସାହିବା ନିଜେ ବର୍ଣ୍ଣନା କରୁଛନ୍ତି ଯେ:- ବହୁତ ଗୁଡିକ ଯାଗାକୁ ଦେଖିବା ପରେ ଦୁଇଗୋଟି ଯାଗା ଏପରି ଥିଲା ଯାହା ଉପରେ କମିଟିର ସହମତି ରହିଥିଲା । ଗୋଟିଏ ଯାଗା ପ୍ରାବନ୍ତ ଇଲାକାରେ ଥିଲା । ଏହା ଗୋଟିଏ ପୁରୁଣା ଖାନ୍‌କାହ୍ ଥିଲା ଓ ଦ୍ୱିତୀୟ ସ୍ଥାନଟି ନନ୍‌ସ୍ପିଟ୍ ଠାରେ ଗୋଟିଏ ସ୍କୁଲ୍ ଥିଲା ଯାହା ଅକ୍ଷମ ପିଲାମାନଙ୍କ ପାଇଁ ବ୍ୟବହାର ହେଉଥିଲା । କମିଟର ଅଧିକାଂଶ ସଦସ୍ୟମାନଙ୍କୁ ଖାନ୍‌କାହ୍‌ଠାରେ ଥିବା ସ୍ଥାନଟି ପସନ୍ଦ ଥିଲା କାରଣ ତାହା ହଲାଣ୍ଡ୍‌ର ବିଲ୍‌କୁଲ୍ ମଝାମଝି ସ୍ଥାନ ଥିଲା । କିନ୍ତୁ ମୋତେ ନନ୍‌ସ୍ପିଟ୍‌ରେ ଥିବା ଯାଗାଟି ଅଧିକ ଉପଯୋଗୀ ମନେ ହେଉଥିଲା । ଯେହେତୁ ଦୁଇଟିଯାକ ସ୍ଥାନ ସମ୍ବନ୍ଧରେ ଆମେ ନିଜ ନିଜର ରାୟ ହଜୁର୍ ରହେମୁଲ୍ଲାଃ ତାଲାଙ୍କ ଖିଦ୍‌ମତ୍‌ରେ ଉପସ୍ଥାପନ କଲୁ । ନନ୍‌ସ୍ପିଟ୍ ଯେହେତୁ ଉଚ୍ଚସ୍ଥାନରେ ଅବସ୍ଥିତ ଥିଲା ଓ ସେହି ଅଟ୍ଟାଳିକାଟିର ଗୋଟିଏ ବ୍ଲକ୍ ଏକ ରାଜନୈତିକ ଦଳ ଅନ୍ତର୍ଗତ ବ୍ୟବହୃତ ହେଉଥିଲା । ତା'ର ଭଡା ଆକାରରେ ଜମାତ୍‌କୁ ପ୍ରତ୍ୟେକ ମାସ ଏକ ବିଶେଷ ଅର୍ଥ ମିଳିବାର ଥିଲା । ଯେବେ କି ଖାନ୍‌କା ଠାରେ ଥିବା ସ୍ଥାନଟି ଦେଶର ମଧ୍ୟ ଭାଗରେ ଥିଲା । କିନ୍ତୁ ସେଠାରେ ବନ୍ୟାର ଆଶଙ୍କା ବହୁତ ରହୁଥିଲା । ତତ୍‌ସହିତ ସେଠାରେ ଟ୍ରାଫିକ୍ ମଧ୍ୟ ବହୁତ ଥିଲା, ଯେଉଁଥି ପାଇଁ ଯାତ୍ରା କରିବା ସମୟରେ ଅଧିକ ସମୟ ଖର୍ଚ୍ଚ ହୋଇଥାଏ । ଏହି ଦୁଇଟିଯାକ ସ୍ଥାନ ସମ୍ବନ୍ଧରେ ରାୟ ପେଶ୍ ହେବା ପରେ ହଜୁର୍ ଅନୁଓ୍ୱର୍ ନନ୍‌ସ୍ପିଟ୍‌ରେ ଥିବା ସ୍ଥାନଟିକୁ ପସନ୍ଦ କଲେ ଓ ସେପ୍ଟେମ୍ବର୍ ୧୯୮୫ ମସିହାରେ ହଜୁର୍ ରହେମୁଲ୍ଲାହୋ ତାଆଲା ନିଜ ହଲାଣ୍ଡ ଗସ୍ତ ସମୟରେ ବଇତୁଲ୍ ନୁର୍ ନନ୍‌ସ୍ପିଟ୍‌ର ଉଦ୍‌ଘାଟନ କରିଥିଲେ ।

ମୋକରମ୍ ହାମିଦ୍ କରିମ୍ ମେହ୍‌ମୁଦ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ହଲାଣ୍ଡ ବତାଇଲେ ଯେ ସେପ୍ଟେମ୍ବର୍ ୧୯୮୫ ମସିହାରେ ଯେତେବେଳେ ହଜୁର୍ ରହେମୁଲ୍ଲାଃହୁ ତାଆଲା ଏହି ମିଶନ୍ ହାଉସ୍‌ର ଉଦ୍‌ଘାଟନ ନିମନ୍ତେ ଏଠାରେ ପଦାର୍ପଣ କଲେ ସେତେବେଳେ ଏ ଅଧମକୁ ନିରୀକ୍ଷଣ କରିବା ସମୟରେ ଏହି ସମସ୍ତ ଅଟ୍ଟାଳିକା ଗୁଡିକର ପରିଚୟ ଦେବାପାଇଁ ସୌଭାଗ୍ୟ ମିଳିଥିଲା । ସେହିଦିନ ହଜୁର୍ ରହେମୁଲ୍ଲାଃହୁ ତାଆଲା ବହୁତ ଖୁସିଥିଲେ ଯେ ଅଲ୍ଲାଃତାଲା ଜମାତ୍‌କୁ ବହୁତ ବଡ ଏବଂ ସୁନ୍ଦର ଇଲାକାରେ ଗୋଟିଏ ସୁନ୍ଦର ମର୍କଜ ପ୍ରଦାନ କରିଛନ୍ତି । ହଜୁର୍ ଅନୁଓ୍ୱର୍ ରହେମୁଲ୍ଲାଃଙ୍କୁ ଏହି ମିଶନ୍ ହାଉସ୍ ଏବଂ ଏ ଇଲାକା ବହୁତ ପସନ୍ଦ ଥିଲା ।

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ମଧ୍ୟ ବିଭିନ୍ନ ଅବସରରେ ଏହି ଇଲାକାର ସୌନ୍ଦର୍ଯ୍ୟକୁ ପସନ୍ଦ କରିଛନ୍ତି । ଏବେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ହଲାଣ୍ଡ୍‌ର ବର୍ତମାନ ଗସ୍ତ ସମୟରେ ଖବରକାଗଜ, ରେଡିଓ ଏବଂ ଟି.ଭି ଚ୍ୟାନେଲ୍ ଗୁଡିକର ସାମ୍ବାଦିକମାନେ ପାଂଚଥରମାନେ ହଜୁର୍ ଅନୁଓ୍ୱର୍‌ଙ୍କ ଅ:ବ:ଅଙ୍କର ଇଂଟର୍‌ଭ୍ୟୁ ନେଇଛନ୍ତି ଓ ସଭିଏଁ ନନ୍‌ସ୍ପିଟ୍ ମର୍କଜ ଓ ଏଠାରେ ହଜୁର୍ ଅନୁଓ୍ୱର୍‌ଙ୍କ ରହଣୀ ସମ୍ବନ୍ଧରେ ପ୍ରଶ୍ନ ପଚାରିଛନ୍ତି । ହଜୁର୍ ଅନୁଓ୍ୱର୍ ସେମାନଙ୍କର ଏହି ପ୍ରଶ୍ନର ଉତର ଦେଇ କହିଲେ ଯେ ଏଠି ନନ୍‌ସ୍ପିଟ୍‌ଠାରେ ମୋର ରହଣୀ ବହୁତ ଭଲ ରହିଲା । ମୁଁ ପୂର୍ବରୁ ମଧ୍ୟ ଅନେକ ଥର ଏଠାକୁ ଆସିଛି । ମୁଁ ଏଠାରେ ରହିବାକୁ ପସନ୍ଦ କରେ । ବହୁତ ଖୋଲା, ଶାନ୍ତିପୂର୍ଣ୍ଣ ଏବଂ ସୁନ୍ଦର ସ୍ଥାନ । ମୋ ପୂର୍ବରୁ ଖଲିଫା ମଧ୍ୟ ଏ ସ୍ଥାନକୁ ପସନ୍ଦ କରୁଥିଲେ । ଏଠିକର ସ୍ଥାନୀୟ ଲୋକମାନେ ବହୁତ ସ୍ନେହି, ସେଥିପାଇଁ ମଧ୍ୟ ଆମେ ଏ ସ୍ଥାନକୁ ପସନ୍ଦ କରୁଅଛୁ । ନନ୍‌ସ୍ପିଟ୍‌ରେ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan